ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ୧ ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୨୧(ଡି.ଏନ.ଏ.): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ଗୋଟିଏ ଟ୍ରଲରକୁ ବନ ବିଭାଗ ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନେତୃତ୍ୱରେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି ଓ ବନକର୍ମଚାରୀମାନେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବିରଳ କଇଁଛଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଥିବା ବେଳେ ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ମା'ଜଗତଜନନୀ-୬ ନାମକ ଟ୍ରଲରକୁ ଜବତ କରିବା ସହ ଏହି ଟ୍ରଲରରେ ଥିବା କାର୍ତ୍ତିକ ଦାସ, ରଘୁନାଥ ମଲିକ, ଜୀବନ କୁମାର ସିଂ, କଥିନ ସିଂ, ଦୁଲାଲ ସିଂ, ରବୀନ୍ଦ୍ର ମାଝି, କାଞ୍ଚନ ସିଂ, ଶିବ ସିଂ, ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ୯ଜଣ ମତ୍ସ୍ୟଜୀବୀଙ୍କୁ ସୋମବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୧ କୁଇଣ୍ଟାଲ ମାଛ, ୧୬ଟି ଟ୍ରଲିଂ ନେଟ, ଗୋଟିଏ ଜିପିଏସ, ଦୁଇଟି ଭିଏଚଏଫ୍, ଗୋଟିଏ ଫିସ୍ ଫାଇଣ୍ଡର ଜବତ କରାଯାଇଛି।

### ମୁଗକଣିରେ ଆଜିଠାରୁ ୬୧ତମ ମହିମା ମହୋତ୍ସବ

ରାଜନଗର, ୨୧(ଡି.ଏନ.ଏ.): ରାଜନଗର ବ୍ଲକ ହାତିନା ପଞ୍ଚାୟତ ମୁଗକଣି ଗ୍ରାମ ମହିମା ମଠରେ ୬୧ତମ ମହିମା ମହୋତ୍ସବ ଆରମ୍ଭ ହେବ। ଏହି ୬୧ତମ ମହିମା ମହୋତ୍ସବ ୩ରୁ ୫ ତାରିଖ ଯାଏ ଚାଲିବ। ଏଥିରେ ବ୍ରହ୍ମ ଅବଧୂତ ନଟବର ବାବା, ବ୍ରହ୍ମ ଅବଧୂତ ଅଭୟ ବାବା, ବ୍ରହ୍ମ ଅବଧୂତ ସୁବ୍ରତ ବାବା, ବ୍ରହ୍ମ ଅବଧୂତ ଦୁଷ୍ମନ୍ତ ବାବା ଏବଂ ସନ୍ଥ ଦୁର୍ଲଭ ଦାସ, ଅନ୍ତର୍ଯ୍ୟାମୀ ଦାସ, କଳ୍ପତରୁ ଦାସ, ରତ୍ନାକର ଦାସ, ଅଭୟ ଦାସ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବ୍ରହ୍ମଜ୍ଞାନ, ଆତ୍ମିକ ତତ୍ତ୍ୱ, ଭକ୍ତିଯୋଗ, ଗୁରୁ ମହିମା, ବ୍ରହ୍ମ ପୁରୁଷ ମହିମା ଅଲେଖଙ୍କ କାଳଜୟୀ କଥାବସ୍ତୁକୁ ପ୍ରବଚନ ମାଧମରେ ଶୁଣାଇବେ। ସୂଚନାଯୋଗ୍ୟ, ବ୍ରହ୍ମନିଷ୍ଠ ସିଦ୍ଧ ସାଧୁ ବାମନ ବାବା ଆଜକୁ ଶହେ ବର୍ଷ ତଳୁ ଅବିଭକ୍ତ କଟକ ଜିଲାର ବିଭିନ୍ନ ପ୍ରାନ୍ତରରେ ମହିମା ଧର୍ମ ପ୍ରଚାର କରିବା ସହ ଗାଁ ଗାଁରେ ଅଲେଖ ଟୁଙ୍ଗୀ ପ୍ରତିଷ୍ଠା କରି ମହିମା ବ୍ରହ୍ମଧୂନୀକୁ ପ୍ରଚାର ଓ ପ୍ରସାର କରି ଆସୁଛନ୍ତି। ଏହି ୩ ଦିନ ବ୍ୟାପୀ ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ, ଝାଡ ପ୍ରଜ୍ୱଳନ, ନାମ ଭଜନ ଏବଂ ଅହୋରାତ୍ର ଅଖଣ୍ଡ ବ୍ରହ୍ମ ଧ୍ୱନୀ ସ୍ଥାପନ କରାଯିବ। ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଅନାଦି ଚରଣ ଜେନା, ଦେବେନ୍ଦ୍ର କୁମାର ଜେନା, ନରହରି ଜେନା, ଅଭୟ କୁମାର ଜେନା, ମଙ୍ଗୁଳି ମୁଦୁଲି, ବିଷ୍ଣୁପଦ ମୁଦୁଲି, ଦୀନବନ୍ଧୁ ମୁଦୁଲିଙ୍କ ସମେତ ଗ୍ରାମାବାସୀ ପରିଚାଳନା କରୁଛନ୍ତି।

### ବିଜେଡି ଜିଲା ସମ୍ପାଦକଙ୍କ ପିତୃ ବିୟୋଗ

ଆଳି,୨୧ (ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ବିଜେଡି ସମ୍ପାଦକ ତଥା ଆଳି ବ୍ଲକ କୋଲିଡିହ ପଞ୍ଚାୟତର ବିଜେଡିର ସଙ୍ଗଠକ ରବୀନ୍ଦ୍ର ମହାନ୍ତିଙ୍କ ପିତା ଶ୍ୟାମସୁନ୍ଦରଙ୍କର ପରଲୋକ ଘଟିଛି। ସୋମବାର ସକାଳ ୮ଟାରେ ତଆଁଳାଡିହାସ୍ଥିତ ବାସଭବନରେ ତାଙ୍କର ୮୭ ବର୍ଷରେ ପରଲୋକ ହୋଇଥିଲା। ସେ ଜଣେ ଧର୍ମ ପରାୟଣ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ଏହି ଖବର ଜଣାପଡ଼ିବା ପରେ କୋଲିଡିହ ସରପଞ୍ଚ ହେମନ୍ତ ଧଳ, ସମିତିସଭ୍ୟ ସୁବାସ ପରିଡ଼ା, ମହୁ ସରପଞ୍ଚ ମହେଶ୍ୱର ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି, ଜିଲା ପରିଷଦ ଜୟରାମ ସାହୁ, ମାନଗୋବିନ୍ଦ ଦାସ ପ୍ରମୁଖ ପହଞ୍ଚି ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ଆନନ୍ଦ ମୁଖାଗ୍ନି ଦେଇଥିଲେ।

# ନଦୀରୁ ବେଧଡ଼କ ବାଲି ଉଠାଣ: ଦୁର୍ବଳ ହେଉଛି ନଦୀବନ୍ଧ

## ଏନ୍‌ଜିଟିର ଚେତାବନୀକୁ ବେଖାତିର

ପଟ୍ଟାମୁଣ୍ଡାଇ, ୨୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ରାଜସ୍ୱ ସମ୍ପତ୍ତିର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ) ରାଜସ୍ୱ ବିଭାଗକୁ କଡ଼ା ଚେତାବନୀ ଦେଇଛନ୍ତି। ଏହାର ବ୍ୟତିକ୍ରମ କରୁଥିବା ବାଲି ବ୍ୟବସାୟୀ ଓ ଅଧିକାରୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ହେଲେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହାର ପ୍ରଭାବ ସେତେଟା ପଡୁନାହିଁ। ବେଆଇନ ଭାବେ ମେଶିନ ଲଗାଇ ବାଲି, ମାଟି ଆଦି ଉତ୍ତୋଳନ ହୋଇ ଚୋରା ଚାଲାଣ ହେଉଛି। ରାଜନୈତିକ ଓ ପ୍ରଶାସନିକ ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ବାଲି ବ୍ୟବସାୟୀମାନେ ଆଇନକାନୁନକୁ ଦଳିମକଚି ଦେଇ ବ୍ୟବସାୟ କରୁଛନ୍ତି। ନଦୀ ମଧ୍ୟରୁ ବେଆଇନ ବାଲି ଉଠାଣ ଯୋଗୁ ବନ୍ଧ କ୍ଷତିଗ୍ରସ୍ତ ହୋଇ ବନ୍ୟା ବିପତ୍ତି ସୃଷ୍ଟି କରୁଛି। ହେଲେ ଏଥିପ୍ରତି ସରକାର ନା ପ୍ରଶାସନ କାହାରି ନିଘାନାହିଁ। ଏ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ବ୍ରାହ୍ମଣୀ ନଦୀର ବାଲିଘାଟ ନିଲାମ ଧାର୍ଯ୍ୟ ପରିମାଣଠାରୁ ଢେର ଅଧିକ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହେଉଛି। ହେଲେ ନିଲାମ ଏରିଆ ବାହାରୁ ମନଇଚ୍ଛା ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ତହସିଲ ଅଧୀନରେ ଥିବା ତରଡ଼ିପାଳ, ଅଳପୁଆ, ପେଣ୍ଟପାଳ ଓ ଅମୃତମଣୋହି ବାଲିଘାଟ ସରକାରୀ ଭାବେ ନିଲାମ ହୋଇଛି। ନିଲାମଧାରୀ ସରକାରୀ ନିୟମ ଅନୁଯାୟୀ, ଘାଟ ନିଲାମ ନେଇ ବ୍ରାହ୍ମଣୀ ନଦୀରୁ ବାଲି ଉଠାଇ ବ୍ୟବସାୟ କରୁଛନ୍ତି। କିନ୍ତୁ ସରକାରୀ ଭାବେ ଘାଟ ନିଲାମ ହୋଇ ନ ଥିବା ନୀଳକଣ୍ଠପୁର-ଜଗନ୍ନାଥପୁର ଏବଂ ଅଲଭା-ନରେନ୍ଦ୍ରପୁର ବାଲିଘାଟରୁ ବେଆଇନ ଭାବେ ବାଲି ଉଠାଣ କରାଯାଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ନିଲାମ ହୋଇ ନ ଥିବା ନୀଳକଣ୍ଠପୁର ବାଲିଘାଟରୁ ପ୍ରତ୍ୟହ ଶତାଧିକ ଟ୍ରକ୍, ଟ୍ରାକ୍ଟର ବାଲି ଉଠାଉ ଥିବା ନେଇ କେନ୍ଦ୍ରାପଡ଼ା ଉପଜିଲାପାଳ ଓ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି। ମାତ୍ର ଏହାର


ଟ୍ରାକ୍ଟରରେ ବେଆଇନ ଭାବେ ବ୍ରାହ୍ମଣୀ ନଦୀରେ ମାଟି ବାଲି ଚାଲାଣ କରାଯାଉଛି।

କୌଣସି ଫରକ ପଡୁନାହିଁ। ଏକାଧିକ ମେଶିନ ଲଗାଇ ନୀଳକଣ୍ଠପୁର ଘାଟରୁ ଦିନରାତି ବାଲି ଚାଲାଣ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ସମାନ ଘଟଣା ଅଳଭା ଘାଟରେ ମଧ୍ୟ ଦେଖିବାକୁ ମିଳୁଛି। ଫଳରେ ବ୍ରାହ୍ମଣୀ ନଦୀପଠା ସଂଲଗ୍ନ ଗ୍ରାମଗୁଡ଼ିକର ରାସ୍ତା ବିପର୍ଯ୍ୟସ୍ତ ସହିତ ନଦୀବନ୍ଧ ଦୁର୍ବଳ ହେବା ଘଟଣା ଲୋକଙ୍କୁ ଚିନ୍ତିତ କରିଛି। ବାଲି ମାଫିଆମାନଙ୍କ ବିରୋଧରେ ମୁହଁ ଖୋଲିଲେ ମାଡ଼ ଖାଇବା ସହିତ ହତ୍ୟା ଧମକ ମିଳୁଛି । ସୂଚନା ଅନୁଯାୟୀ, ୨୦୨୨ରୁ ୨୦୨୭ ଯାଏ ୫ ବର୍ଷ ପାଇଁ ମୋଟ ୪ଟି ବାଲିଘାଟକୁ ସରକାରୀ ଭାବେ ଲିଜ୍ ଦିଆଯାଇଛି। ହେଲେ ଆବଶ୍ୟକ ଅନୁଯାୟୀ ରାଜସ୍ୱ ଆଦାୟ ହେଉ ନ ଥିବାରୁ ସରକାରଙ୍କ ବିପୁଳ ପରିମାଣରେ ରାଜସ୍ୱହାନି ଘଟୁଛି। ପ୍ରତିଦିନ ଶତାଧିକ ଟ୍ରିପ୍ ବାଲି ଜିଲା ବାହାରକୁ ଚାଲାଣ କରି ଯେଉଁ ବିପୁଳ ଟଙ୍କା ରୋଜଗାର ହେଉଛି ସେଥିରୁ ସିଂହଭାଗ ଦୁର୍ନୀତିଖୋର ସରକାରୀ କର୍ମଚାରୀମାନଙ୍କ ପକେଟକୁ ଯାଉଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ରାଜସ୍ୱ ବିଭାଗ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ଏହାର ସ୍ଥାୟୀ ସମାଧାନ ନ ହେଲେ ନଦୀବନ୍ଧ ପାଇଁ ଭୟଭୀତ ଥିବା ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ବାବଦରେ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରୁ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ତରଡ଼ିପାଳ, ଅଳପୁଆ, ପେଣ୍ଟପାଳ ଓ ଅମୃତମଣୋହି ଘାଟରୁ ବାଲି ଉତ୍ତୋଳନ ପାଇଁ ସରକାରୀ ଭାବେ ନିଲାମ ଦିଆଯାଇଛି। ମାତ୍ର ଅଳଭା ଓ ନୀଳକଣ୍ଠପୁର ଘାଟରୁ ବାଲି ଉଠୁଥିବା ଖବର ମିଳିଛି। ଖୁବ୍‌ଶୀଘ୍ର ବାଲି ଉଠାଉଥିବା ବ୍ୟକ୍ତିଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣିରେ ୮୦ ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ, ୨୧

କେନ୍ଦ୍ରାପଡ଼ା ସହର ଟାଉନ ହଲ୍ ପରିସରରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୦ଟି ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୨ଟି ସାମୂହିକ ଥିବା ବେଳେ ଅବଶିଷ୍ଟ ବ୍ୟକ୍ତିଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବାସଗୃହ ଯୋଜନା, ଭତ୍ତା, ରାଶନ କାର୍ଡ, ପୋଲିସ ସୁରକ୍ଷା ଥିଲା। ସେହିପରି ପାନୀୟ ଜଳ, ଜଳ ନିଷ୍କାସନ, ଗ୍ରାମ ରାସ୍ତା ଅବରୋଧ, ଶିକ୍ଷା ଓ ମିଶନ ଶକ୍ତି ଆଦି ସାମୂହିକ ଅଭିଯୋଗ ଥିଲା। ଶିବିରରେ ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ମଡକର ସନ୍ଦିପ ସମ୍ପଦ, ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ଦୁର୍ଗାଚରଣ ମହାରଣା, ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ସହ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଯୋଗଦେଇଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରୁ କେତୋଟି ତତ୍‌କ୍ଷଣାତ ସମାଧାନ ହୋଇଥିବା ବେଳେ ଅବଶିଷ୍ଟକୁ ଆସନ୍ତା ୭ ଦିନ ମଧ୍ୟରେ ସମାଧାନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ଜିଲାପାଳ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି।

## ପେଣ୍ଠରେ ଗ୍ରୀନ୍ ସି' ବିଚ୍ ଉଦ୍‌ଘାଟିତ

ରାଜନଗର, ୨୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ପେଣ୍ଠ ବେଳାଭୂମିକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି। ପେଣ୍ଠ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇ ନ ଥିଲେ ମଧ୍ୟ ଭିତରକନିକା ଜାତୀୟ ଉଦ୍ୟାନ ଅପେକ୍ଷା ଅଧିକ ପର୍ଯ୍ୟଟକ ପେଣ୍ଠ ବେଳାଭୂମିର ଶୋଭା ଉପଭୋଗ କରିବାକୁ ଆସିଥାନ୍ତି। ପେଣ୍ଠ ବେଳାଭୂମିରେ ଦୁଇବର୍ଷ ହେଲା ଇକୋ ରିଟ୍ରିଟ ଅନୁଷ୍ଠିତ ହେଉଛି। ଇକୋ ରିଟ୍ରିଟ ମଧ୍ୟରେ ସ୍ଥାନୀୟ ଲୋକଙ୍କୁ ଏବଂ ବୁକିଂ ନ ଥିବା ପର୍ଯ୍ୟଟକମାନଙ୍କୁ ଛଡା ଯାଉନାହିଁ। ପର୍ଯ୍ୟଟକମାନେ ପେଣ୍ଠ ବେଳାଭୂମିକୁ ଆସିଲେ କେଉଁଠି ବସିବାକୁ ଜାଗା ପାଇ ନ ଥାନ୍ତି।

ପେଣ୍ଠ ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକମାନେ କିପରି ସୁଖଦ ଅନୁଭୂତି ନେଇ ଫେରିବେ, ସେଥିପାଇଁ ଇକୋ ରିଟ୍ରିଟ ନିକଟରେ ବେଳାଭୂମିରେ ଗ୍ରୀନ ସି'ବିଚ୍ ପ୍ରସ୍ତୁତ କରାଯାଇଛି। ପ୍ରାୟ ୧୨ ଏକର ବେଳାଭୂମିକୁ ବାଉଁଶ ଏବଂ ଗ୍ରୀନ ଜାଲିରେ ଘେରାବନ୍ଦି କରାଯାଇଛି। ଏହା ମଧ୍ୟରେ ପର୍ଯ୍ୟଟକମାନେ ଚାଲିବାକୁ ରାସ୍ତା ନିର୍ମାଣ କରାଯିବା ସହ ବସିବା ପାଇଁ ଆଜବେଷ୍ଟ ପଡିଥିବା ୨ଟି ଛତା




ଘର ଓ ଛଣରେ ୬ଟି ଛତାଘର ନିର୍ମାଣ କରାଯାଇଛି। ଏଥିସହ ପର୍ଯ୍ୟଟକମାନେ ତା' ମଧ୍ୟରେ ବସି ସମୁଦ୍ରର ଶୋଭା ଉପଭୋଗ କରିବା ପାଇଁ ସିମେଣ୍ଟ ଚେୟାର ପକାଯାଇଛି। ଏହି ଗ୍ରୀନ୍ ସି'ବିଚ୍‌କୁ ସୁରକ୍ଷିତ ରଖିବା ଓ ରକ୍ଷଣା ବେକ୍ଷଣ କରିବାକୁ ମିଶନ ଶକ୍ତିର ମହିଳାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ବଡଲୋକଙ୍କ ପାଇଁ ୨୦ ଟଙ୍କା ଓ ଛୋଟ ପିଲା ୧୦ ଟଙ୍କା ଦେଇ ଏହି ଗ୍ରୀନ ସି'ବିଚ୍ ମଧ୍ୟକୁ ଯାଇ ପାରିବେ। ସୋମବାର ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ପେଣ୍ଠ ଗ୍ରୀନ୍ ସି' ବିଚ୍‌ର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନ, କନିଷ୍ଠଯନ୍ତ୍ରୀ ଦେବାଶିଷ ସାମଲ, ହାତିନା ପଞ୍ଚାୟତର ସମିତିସଭ୍ୟା ଉତମା ସେଠୀ, ଡେରା ସରପଞ୍ଚ ନିରଞ୍ଜନ ରାଉତ, କଣ୍ଡିରା ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ରଶ୍ମୀ ରଞ୍ଜନ ଦାଶ, ଏମ୍‌ବିକେ କବିତା ରାଉତ ପ୍ରମୁଖ ଯୋଗ ଦେଇଥିଲେ।

### କୁଶିଆପାଳ, କାଉପଡ଼ା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

ଡେରାବିଶ,୨୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ଧାନମଣ୍ଡିର ଖୋଲିଛି। ତେବେ ଏହି ମଣ୍ଡିକୁ ସମିତିର ସଭାପତି ନାରାୟଣ ପ୍ରସାଦ ପାତ୍ର ଉଦ୍‌ଘାଟନ କରିଥିବା ବେଳେ ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ଉପସଭାପତି ସସ୍ମିତା ପାତ୍ରଙ୍କ ସମେତ ପରିଚାଳନା ସମିତିର ସମସ୍ତ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅଗ୍ରଣୀ ଚାଷୀ ପ୍ରଶାନ୍ତ କୁମାର ନାୟକ, ନାରାୟଣ ଦାସଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ସେହିପରି ବ୍ଲକ ଅଧୀନ କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତିରେ ମଧ୍ୟ ଧାନ ମଣ୍ଡିକୁ ଡେରାବିଶ ଅତିରିକ୍ତ ତହସିଲଦାର ପୁରୁଷୋତମ ଦାସ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ପ୍ରଶାନ୍ତ କୁମାର ଦାସ, ପରିଚାଳନା ସମିତିର ନିର୍ଦ୍ଦେଶକ ପ୍ରମିଳା ଦାଶଙ୍କ ସମସ୍ତ ନିର୍ଦ୍ଦେଶକ ଓ ବହୁ ଚାଷୀ ଉପସ୍ଥିତ ଥିଲେ। ତେବେ ସମ୍ପାଦକ ଗୌରାଙ୍ଗ ପ୍ରଧାନ ଚଳିତ ଖରିଫ୍ ଋତୁ ପାଇଁ ଖୋଲା ଯାଇଥିବା ମଣ୍ଡିରେ ଏଫ୍‌କ୍ୟୁ ମାନର ଧାନ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ସୂଚନା ଦେଇଥିଲେ।

## ବ୍ଲକସ୍ତରୀୟ ଧାନମଣ୍ଡି ଖୋଲିଲା

ରାଜନଗର, ୨୧(ଡି.ଏନ.ଏ.)

ରାଜନଗର ବ୍ଲକରେ ଖରିଫ ଧାନ ସଂଗ୍ରହ ପାଇଁ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ରାଜନଗର ବ୍ଲକର ସାନଓରଠାରେ ଏହି ବ୍ଲକସ୍ତରୀୟ ଧାନମଣ୍ଡିକୁ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ କୌଣସି ଚାଷୀ ଯେପରି ଧାନ ଦେବାରେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ପ୍ରାଥମିକ କୃଷି ସେବା ସମବାୟ ସମିତିର ସମ୍ପାଦକ ଓ ମିଲରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମଣ୍ଡିରେ ଚାଷୀମାନେ ଯେପରି ଧାନ ଆଣିବା କ୍ଷଣି ତାଙ୍କ ଠାରୁ ଧାନ ସଂଗ୍ରହ କରାଯିବ ଓ ସଂଗେ ସଂଗେ ଚାଷୀଙ୍କ ଆକାଉଣ୍ଟକୁ ଧାନ ଟଙ୍କା ପଠାଇବାର ବ୍ୟବସ୍ଥା କରିବାକୁ କହିଥିଲେ। କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସୁପରଭାଇଜର ଗୋବିନ୍ଦ ପ୍ରସାଦ ମହାପାତ୍ର , ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ଦଧିବାମନ ଭୂୟାଁ, ତାଳଚୁଆ ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ବଳରାମ ପରିଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ପ୍ରାଥମିକ କୃଷି ସମବାୟ ସମିତିର ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ଦାସ, ମହେଶ୍ୱର ସେଠୀ, ବିଜୟ କୁମାର ଗୁପ୍ତା, ରଞ୍ଜନ କୁମାର ପ୍ରଧାନ, ଖଗେଶ୍ୱର ସେଠୀ, ରବି ନାରାୟଣ ଲେଙ୍କା, ବାବାଜୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମୁକୁନ୍ଦପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ: ୪୦ ଅଭିଯୋଗ

ଡେରାବିଶ,୨୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲିରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ସରପଞ୍ଚ ମିତାରାଣୀ ମଲିକ ଓ ସମିତିସଭ୍ୟ ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ବିଡିଓ ନମିତା ବାରିକ ଉପସ୍ଥିତ ରହି ୪୦ ଜଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ତେବେ କେତେକ ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡିଓ ବାରିକ ପଠାଇ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ୨୨ରୁ ଅଧିକ ଷ୍ଟଲ ଖୋଲାଯିବା ସହ ବିଭିନ୍ନ ବିଭାଗର ସମ୍ପ୍ରସାରଣ ଅଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗର ଅଭିଯୋଗ ଗ୍ରହଣ କରିଥିଲେ। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ପକାଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତେବେ ରାଶନ ସାମଗ୍ରୀ, ଭତ୍ତା, ବାସଗୃହ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀମାନେ ସେମାନଙ୍କ ଅଭିଯୋଗ ପ୍ରଦାନ କରିବା ସହ ବିଭିନ୍ନ ଗ୍ରାମରେ ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ମରାମତି ହେବା ପାଇଁ ବହୁ ଲୋକ ଅଭିଯୋଗ ଦାଖଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ପୁରୁଷୋତମ ଦାସ, ସିଡିପିଓ ସ୍ନେହଲତା ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ରାଧାକାନ୍ତ ସାହୁ, ଅନିଲ କୁମାର ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

### ଶୋଭାରାଣୀଙ୍କୁ ଅମରବଲ୍ଲଭା ମୁରୁଜରାଣୀ ସମ୍ମାନ

କେନ୍ଦ୍ରାପଡ଼ା ଅଫିସ, ୨୧



ଏକ ଆନ୍ତର୍ଜାତିକ ମୁରୁଜ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ସହରର କଜଳାସ୍ଥିତ ଶୋଭାରାଣୀ ମିଶ୍ରଙ୍କୁ ମୁରୁଜରାଣୀ ସମ୍ମାନ ମିଳିଛି। ଦେଶ ବିଦେଶର ମୋଟ ୩୨୫୬ ପ୍ରତିଯୋଗୀଙ୍କ ମଧ୍ୟରୁ ସେ ପ୍ରତିଯୋଗିତାରେ ପଞ୍ଚମ ସ୍ଥାନରେ ରହି ଅମରବଲ୍ଲଭା ମୁରୁଜରାଣୀ ସମ୍ମାନ ପାଇଛନ୍ତି। ଯାଜପୁର ଜିଲା ବାବଲପୁରସ୍ଥିତ ଆନ୍ତର୍ଜାତିକ ଲୋକ ସଙ୍ଗଠନ ଚିନ୍ମୟ ଫାଉଣ୍ଡେଶନ ପକ୍ଷରୁ ଏହି ପ୍ରତିଯୋଗିତା ୨୦୨୨ କାର୍ତ୍ତିକ ମାସରେ ୩୦ ଦିନ ଧରି ଅନ୍‌ଲାଇନ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ବାଲେଶ୍ୱରର ଚିତ୍ରଶିଳ୍ପୀ କେଶୁ ଦାସ, ନାଇଜେରିଆର ସାଇରିଆକସ କୁଡୁରୁ, ଆଙ୍କେଲ ବାବ୍ସ ଓଲୁୱାଟୋୟିନ ଗ୍ରେସ୍, ଅଧାପକ ଡ. ଚିଡି ଲେଜେଓମା, ନେପାଳର ଶିକ୍ଷାବିତ୍ ରାମେଶ୍ୱର ଯାଦବ, ତାଞ୍ଜାନିଆର ଗଡ୍‌ଫ୍ରେ ଇସ୍ମାଏଲ୍ୟ, କେନିଆର ଦାଭିଡ୍ ଗାଟୁହୀ, ବାଂଲାଦେଶର ହାଜ୍ୟୋ କେଶ ଜ୍ୟା, ସାଉଥ୍ ଆଫ୍ରିକାର ସେହ୍ୱେଲା ମହଲୋଙ୍ଗ, ସିରିଆର ଶିକ୍ଷାବିତ୍ ଆନସ୍, ପାରାଗୁଏର ସାମାଜିକ କର୍ମୀ ସେଭେରିଆନୋ ଏକ୍ସିଭେଲ ଗାଭିଲାନ, ଫିଲିପାଇନ୍ସର ଡ. ନାଙ୍କୋ ଟୋନି ନାଏଜେଇଗୁଏ, ଆଫଗାନିସ୍ତାନର ଡା. ସୟଦ ନାକିବୁଲ୍ଲାହ ପ୍ରମୁଖ ଯୋଗଦେଇଥିଲେ। ଏ ସମ୍ପର୍କରେ ଚିନ୍ମୟ ଫାଉଣ୍ଡେଶନ ପ୍ରତିଷ୍ଠାତା ଅଧକ୍ଷ ଚିନ୍ମୟ ଦାଶ କହିଛନ୍ତି, ଓଡ଼ିଶାର ଲୋକକଳାକୁ ଦେଶ ବିଦେଶରେ ପହଞ୍ଚାଇବା ପାଇଁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶୋଭାରାଣୀଙ୍କୁ ଏହି ସମ୍ମାନ ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି।

## ଅରଡ଼ପଲ୍ଲୀରେ ୧୩୮ ଅଭିଯୋଗ

### ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୨୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅରଡ଼ପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟରେ ବିଡିଓ ଭରତ ଚନ୍ଦ୍ର ପରିଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମିତିସଭ୍ୟା ସରିତା ବେହେରା, ପୂର୍ବତନ ସରପଞ୍ଚ ଶ୍ରୀମନ୍ତ ଦାସ ଓ ଚୌଧୁରୀ ସତ୍ୟବ୍ରତ ରାୟ, ସ୍କୁଲ ପରିଚାଳନା କମିଟି ସଭାପତି ମମତା ଘଡାଇ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଆବାସ, ରାଶନ କାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୧୩୮ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ୧୮ ଜଣ ଭତ୍ତା ପାଇଁ ଆବେଦନ କରିଥିବାବେଳେ ୨୬ ଅଣସଂଗଠିତ ଶ୍ରମିକଙ୍କୁ ପଞ୍ଜୀକୃତ କରାଯିବା ସହ ୬୦ ଜଣଙ୍କ ଆଧାର ପଞ୍ଜୀକରଣ, ୨୦୦ ଗାଇଗୋରୁଙ୍କୁ ଟୀକା ଦିଆଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ, ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡ଼ା, ଏ ବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବ୍ଲକ ସହ ନିର୍ବାହୀଯନ୍ତ୍ରୀ ରୋଜାଲିନ ଦଳେଇ, ସିଡିପିଓ ମୁକ୍ତରି ବେଗମ୍, ଅରଡ଼ପଲ୍ଲୀ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମେଶ ସେଠୀ ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଂଗୀତା ଭୂୟାଁ,ଏସ୍‌ଇଓ ଉଦାର ସୁନ୍ଦର ସ୍ୱାଇଁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି ସହ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଲୋକଙ୍କ ଅଭିଯୋଗ ଶୁଣିଥିଲେ।


ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଅଧିକାରୀମାନେ ଅଭିଯୋଗ ଗ୍ରହଣ କରୁଛନ୍ତି।

## ସରକାରୀ ତହବିଲକୁ ଫେରିଲା ୭୦ ହଜାର

### କୁରୁଣ୍ଟି ପଞ୍ଚାୟତ ୬ଟି ପ୍ରକଳ୍ପର ଅର୍ଥ ଲୁଟ୍ ଘଟଣା

ରାଜନଗର, ୨୧(ଡି.ଏନ୍.ଏ.)

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତରେ ୬ଟି ପ୍ରକଳ୍ପ କାମ କରା ନ ଯାଇ ଅର୍ଥ ଲୁଟି ନିଆଯାଇଥିଲା। ଏହି ଅର୍ଥଲୁଟ ଘଟଣାରେ ବ୍ଲକ ପ୍ରଶାସନ ପକ୍ଷରୁ ତନାଘନା କରାଯାଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୀନ୍ଦ୍ର ପ୍ରଧାନଙ୍କୁ ନିଲମ୍ବନ କରାଯାଇ ତଦନ୍ତ ଜାରି ରହିଥିଲା। ଏହି ଲୁଟ୍ ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା। ତନାଘନା ପରେ ଲୁଟି ନିଆଯାଇଥିବା ଗୋଟିଏ ପ୍ରକଳ୍ପର ୭୦ ହଜାର ଟଙ୍କା ସରକାରୀ ତହବିଲକୁ ସୋମବାର ଫେରିଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ସରକାରୀ ଟଙ୍କା ଲୁଟିଥିବା ମାନିଯାଇ ଗୋଟିଏ ପ୍ରକଳ୍ପର ୭୦ ହଜାର ଟଙ୍କା ସରକାରୀ ତହବିଲରେ ଡିପୋଜିଟ କରିଛନ୍ତି। ବଳରାମପୁର ଗାଁରେ କୌଣସି କଲଭର୍ଟ ନିର୍ମାଣ ହୋଇନି। ମାତ୍ର ମେ' ମାସରୁ ୨ଟି କଲଭର୍ଟ ନିର୍ମାଣ ହୋଇଥିବା ଦର୍ଶାଇ ଗୋଟିଏ କଲଭର୍ଟ ପାଇଁ ୧ ଲକ୍ଷ ଟଙ୍କା ଓ ଅନ୍ୟ ଏକ କଲଭର୍ଟ ପାଇଁ ୭୦ ହଜାର ଟଙ୍କା ୨୧ ନଭେମ୍ବର ୨୦୨୨ରେ ଉଠାଇ ନିଆଯାଇଥିଲା। ୨୧ ନଭେମ୍ବର ୨୦୨୨ରେ ଭାଉଚର ନଂ. ଏଚ୍‌ଭିଏଫ୍‌ସି/୨୦୨୨-୨୩/ପି/୧୨ରେ କଲଭର୍ଟ ନିର୍ମାଣ ହୋଇଥିବା ଦର୍ଶାଇ ୭୦ ହଜାର ଟଙ୍କା ଉଠାଯାଇଥିଲା। କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥ କମିଶନ ଅର୍ଥରୁ ଏହି ଟଙ୍କା ଉଠାଇ ନିଆଯାଇଥିଲା।

ନିୟମ ଅନୁଯାୟୀ, ପ୍ରକଳ୍ପ ମଞ୍ଜୁରୀ ପାଇବା ପରେ କାର୍ଯ୍ୟାଦେଶ ଦିଆଯାଇଥାଏ। ତା'ପରେ କାମ ଆରମ୍ଭ ହୋଇଥାଏ। କାମ ସରିବା ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, ଏପରିକି ସହକାରୀ ଯନ୍ତ୍ରୀ କାମ ଦେଖିବା ପରେ ବିଲ କରାଯାଏ। ଏହାପରେ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ କାଉଣ୍ଟର ସାଇନ ପରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଡଙ୍ଗଲ ମାଧ୍ୟମରେ ସରକାରୀ ଅର୍ଥ ପେମେଣ୍ଟ କରିଥା'ନ୍ତି। ମାତ୍ର କାମ ହୋଇ ନ ଥିବା ବେଳେ ସରକାରୀ ଟଙ୍କା ଉଠାଯାଇଥିଲା। କେବଳ ଗୋଟିଏ ପ୍ରକଳ୍ପର ଅର୍ଥ ଫେରିଥିବା ବେଳେ ଅନ୍ୟ ୫ଟି ପ୍ରକଳ୍ପର ଅର୍ଥ ଏଯାଏ ଫେରିନି। ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ୭୦ ହଜାର ଟଙ୍କା ସରକାରୀ ଆକାଉଣ୍ଟରେ ଡିପୋଜିଟ ହୋଇଛି। ମୁଁ କୌଣସି ଫାଇଲରେ କାଉଣ୍ଟର ସାଇନ କରି ନ ଥିବାବେଳେ ବେଆଇନ ଭାବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ସରକାରୀ ଟଙ୍କା ଉଠାଇ ନେଇଥିଲେ। ଏ ନେଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି। ଡିସେମ୍ବର ୧୫ ତାରିଖରେ କୁରୁଣ୍ଟି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଏଯାଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଖର୍ଚ୍ଚ ତୁଳନାରେ ପାଣି ମିଳିନି

## ଯାଜପୁର ଜିଲାରେ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ

ଯାଜପୁର ଅଫିସ,୨।୧


ଯାଜପୁର ଓ ବିଞ୍ଝାରପୁର ମେଗା ଜଳଯୋଗାଣ ପ୍ରକଳ୍ପ କାମ ଚାଲିଛି ।

ଓଏମ୍‌ବିଏଡିସି (ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ) ଏବଂ ଆର୍‌ଆଇଡିଏଫ୍ (ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ)ରୁ ମଞ୍ଜୁର ଅର୍ଦ୍ଧାଧିକ ଟଙ୍କା ଖର୍ଚ୍ଚ ହୋଇସାରିଛି। ହେଲେ ନିୟୋଜିତ ଅଣଓଡ଼ିଆ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ମନମାନି ଯୋଗୁ ଗୋଟିଏ ବି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଲୋକଙ୍କ କାମରେ ଲାଗିପାରିନାହିଁ। ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯାଜପୁର ଜିଲାରେ ନିର୍ମାଣାଧୀନ ୮ଟି ମେଗା ଜଳଯୋଗାଣ ପ୍ରକଳ୍ପ କ୍ଷେତ୍ରରେ। ଖଣି ପ୍ରଭାବିତ ସୁକିନ୍ଦା ବ୍ଲକରେ ଓଏମ୍‌ବିଏଡିସି ୨୩୩.୦୪ କୋଟି ଟଙ୍କାର ୩ଟି ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ୨୦୧୭-୧୮ରୁ ହେଉଛି। ହେଲେ କାର୍ଯ୍ୟ ବିଳମ୍ବ ଦର୍ଶାଇ ଏହି ମଞ୍ଜୁର ଅର୍ଥରୁ ବିପୁଳ ଅନୁଦାନ ବୃଦ୍ଧି ହୋଇସାରିଛି। ତଥାପି ଗୋଟିଏ ବି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ଏହାବାଦ୍ ଦାନଗଦି, ବଡ଼ଚଣା, ଧର୍ମଶାଳା, ରସୁଲପୁର, ଯାଜପୁର, ବିଞ୍ଝାରପୁର ଓ ଦଶରଥପୁର ବ୍ଲକ ଅଞ୍ଚଳବାସୀଙ୍କ ପାଇଁ ୨୦୧୯-୨୦ରୁ ନିର୍ମାଣାଧୀନ ୫ଟି ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ମନ୍ଥର ଗତିରେ ଚାଲିଛି। ସମ୍ପୃକ୍ତ ଅଣଓଡ଼ିଆ ଠିକାଦାର ଏନ୍‌ସିସି(ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ), ମେଘା ଇଞ୍ଜିନିୟର ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଲିଃ(ମେଲ), କେଇସି ସଂସ୍ଥା କର୍ତ୍ତୃପକ୍ଷ କାହାରି କଥାକୁ ଶୁଣୁ ନ ଥିବାରୁ ପ୍ରକଳ୍ପର ଅଗ୍ରଗତି ଅତି ନୈରାଶ୍ୟଜନକ ସହ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି। ଯାଜପୁର ଜିଲାର ଭୂତଳ ଜଳ ଆଇରନ ଏବଂ ଟୋଟାଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ(ଏଫସି) ଅଂଶ ଆବଶ୍ୟକତାଠାରୁ ବହୁ ଅଧିକ ରହିଥିବା ଜଣାପଡ଼ିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ୨୦୧୮ ଅକ୍ଟୋବର ଓ ଏପ୍ରିଲରେ ଜିଲାର ଖଣି ଅଞ୍ଚଳ କାଳିଆପାଣି, ଟିସ୍କୋ, ସାରୁଆବିଲ ଓ କମର୍ଦ୍ଦା ନିକଟରୁ ସଂଗୃହୀତ ଭୂତଳ ଜଳ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଥିଲା। ନଳକୂପରୁ ବାହାରୁଥିବା ଏହି ପାଣି ବ୍ୟବହାର କରି ଶିଳ୍ପ ଓ ଖଣି ଅଞ୍ଚଳ ସମେତ ଏହାର ଆଖପାଖ ବ୍ଲକ ଇଲାକାରେ ଶତାଧିକ ଲୋକ କିଡ୍‌ନୀ ରୋଗରେ ପ୍ରାଣ ହରାଇଲେଣି। ଏବେ ବି ୧ ହଜାରରୁ ଊର୍ଦ୍ଧ୍ୱ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣାପଡ଼ିଛି। ଏଭଳିସ୍ଥିତିରେ ସୁକିନ୍ଦା ଖଣି ଅଞ୍ଚଳର ୩୭ଟି ଖଣି ପ୍ରଭାବିତ ଗ୍ରାମର ବାସିନ୍ଦାଙ୍କ ପାଇଁ ୨୦୧୭-୧୮ରେ ଓଏମ୍‌ବିଏଡିସିରୁ ୭୯.୮୫ କୋଟି ଟଙ୍କା ଖର୍ଚ୍ଚ କରି ପ୍ରଥମ ମେଗା ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ତେବେ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ଅଞ୍ଚଳବାସୀ ସ୍ୱଚ୍ଛ ପାଣି ପାଇଁ ଅପେକ୍ଷାରେ ରହିଛନ୍ତି। ବିଭାଗ ପକ୍ଷରୁ ୧୦୦ପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା କୁହାଯାଉଥିଲେ ହେଁ ଆଜି ବି ବରଗଜି, କଳରଙ୍ଗୀଅଟା, ତଳଙ୍ଗି, ବାଉଁଶଅଷ୍ଟା, ସୁକୁରଙ୍ଗି, ଓସ୍ତପାଳ, ରାଁସୋଲ, କମର୍ଦ୍ଦା ପ୍ରଭୃତି ଗ୍ରାମବାସୀ ଉକ୍ତ ମେଗା ଜଳ ଯୋଗାଣ ପ୍ରକଳ୍ପରୁ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଏନ୍‌ସିସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପରେ ପୂର୍ବରୁ ବହୁ ଅନିୟମିତତା ସହ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇଥିବା ବିଭାଗୀୟ ଇଞ୍ଜିନିୟର୍ସ ଅଥରିଟି ରିପୋର୍ଟ ପ୍ରଦାନ କରିଥିଲା। ପରବର୍ତ୍ତୀ ସମୟରେ ଆପୋସ ବୁଝାମଣା ହୋଇ କାର୍ଯ୍ୟ ଚାଲିଥିଲା।

ସେହିପରି ଅନ୍ୟ ୧୯ଟି ଖଣି ପ୍ରଭାବିତ ଗ୍ରାମର ବାସିନ୍ଦାଙ୍କ ପାଇଁ ୪୬.୧୯ କୋଟି ଟଙ୍କାର ଦ୍ୱିତୀୟ ପ୍ରକଳ୍ପ ଏବଂ ୫୨ ଖଣି ପ୍ରଭାବିତ ଗ୍ରାମର ବାସିନ୍ଦାଙ୍କ ଲାଗି ୧୦୭ କୋଟି ଟଙ୍କାର ତୃତୀୟ ପ୍ରକଳ୍ପ କାମ ୨୦୧୯-୨୦ରୁ ଆରମ୍ଭ ହୋଇଛି। ଦ୍ୱିତୀୟ ଓ ତୃତୀୟ ପ୍ରକଳ୍ପ ଜୁନ ସୁଦ୍ଧା ସରିବ ବୋଲି କୁହାଯାଉଛି। ସେହିପରି ବଡ଼ଚଣା ଓ ଧର୍ମଶାଳା ବ୍ଲକର ୨୪୭ ଗ୍ରାମବାସୀଙ୍କ ପାଇଁ ୩୩୫.୭ କୋଟି ଟଙ୍କା ଏବଂ ଦଶରଥପୁର ବ୍ଲକର ୩୫ ପଞ୍ଚାୟତବାସୀଙ୍କ ପାଇଁ ୧୮୧.୭୮ କୋଟି ଟଙ୍କାର ୨ଟି ମେଗା ପ୍ରକଳ୍ପ ୨୦୧୯-୨୦ରୁ ଆରମ୍ଭ ହେଉଛି। ଏହି ୨ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ମେଘା ଇଞ୍ଜିନିୟର ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ବଡ଼ଚଣା ପ୍ରକଳ୍ପରେ ୨୮୬.୯୪ କୋଟି ଟଙ୍କା ଓ ଦଶରଥପୁର ପ୍ରକଳ୍ପରେ ୧୬୪.୮୫ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ହେଲେ ଏହିସବୁ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। କେଇସି ଠିକାସଂସ୍ଥା ପକ୍ଷରୁ ହେଉଥିବା ଧର୍ମଶାଳା ଓ ରସୁଲପୁର ବ୍ଲକ ପାଇଁ ପ୍ରକଳ୍ପ କାର୍ଯ୍ୟ ଗଛକଟା ବାବଦରେ ଅଟକିଛି। ଦାନଗଦି ପ୍ରକଳ୍ପ ଜୁନ ସୁଦ୍ଧା ଶେଷ ହେବ ବୋଲି କୁହାଯାଉଥିବାବେଳେ ଯାଜପୁର ଓ ବିଞ୍ଝାରପୁର ବ୍ଲକର ପ୍ରକଳ୍ପ ୪୦% କାମ ସରିଛି।

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଚଣ୍ଡିଖୋଲ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଘଡେଇଙ୍କୁ ପଚାରିବାରୁ ସେ କହିଛନ୍ତି, ସୁକିନ୍ଦାର ପ୍ରଥମ ପ୍ରକଳ୍ପ ପାଣିକୁ ପନିପରିବା ଚାଷରେ ବ୍ୟବହାର କରାଯାଉଥିବାରୁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚି ପାରୁନାହିଁ। ଏନେଇ ବିଭାଗ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ହୋଇଛି। ଦଶରଥପୁର ପ୍ରକଳ୍ପ ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ପାଇପ ବିଛାଇବାକୁ ଅନୁମତି ମିଳୁ ନଥିବାରୁ ତାହା ଅଟକିଛି।

# ପ୍ରଭୁପାଦ,ଲୋପାମୁଦ୍ରାଙ୍କ ଗୀତରେ ମତୁଆଲା ଦର୍ଶକ


ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

## ଧର୍ମଶାଳା ମହୋତ୍ସବର ନବମ ସନ୍ଧ୍ୟା

ଧର୍ମଶାଳା,୨।୧(ଡି.ଏନ.ଏ.)

ଧର୍ମଶାଳା ମହୋତ୍ସବର ସୋମବାର ନବମ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଭୁପାଦ ଓ ଲୋପାମୁଦ୍ରା ନାଇଟ୍ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା । ଉଭୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଶିତ ଗୀତରେ ଦର୍ଶକମାନେ ମତୁଆଲା ହୋଇଥିଲେ । ଆସନ୍ତା ୫ରେ ଉଦ୍‌ଯାପିତ ହେବାକୁ ଥିବା ମହୋତ୍ସବକୁ ଦେଖିବାକୁ ଜିଲା ତଥା ଜିଲା ବାହାରୁ ଦର୍ଶକଙ୍କ ଭିଡ଼ ବଢ଼ିଛି। ମହୋତ୍ସବକୁ ଅଧିକ ସଂଖ୍ୟାରେ ଲୋକମାନେ ଆସୁଥିବାରୁ କମିଟିର ବିନା ଅନୁମତିରେ କେତେଜଣ ଯୁବକ ସାଇକେଲ ଓ ମଟରସାଇକେଲ ଷ୍ଟାଣ୍ଡ କରି ଦର୍ଶକମାନଙ୍କୁ ଜୋର ଜବରଦସ୍ତ ତାଙ୍କ ଷ୍ଟାଣ୍ଡରେ ଗାଡ଼ି ରଖିବାକୁ ବାଧ୍ୟ କରୁଥିବା ସହ ଅଧିକ ଟଙ୍କା ନେଉଥିବା ଅଭିଯୋଗ ହୋଇଛି । ଏଭଳି ବେଆଇନ ଭାବେ ଷ୍ଟାଣ୍ଡ କରି ଲୋକମାନଙ୍କୁ ଶୋଷଣ କରୁଥିବା ଯୁବକମାନଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରର ସତ୍ୟଜିତ ଜେନା ନାଇଟ୍ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

ସୂଚନାଯୋଗ୍ୟ, ଧର୍ମଶାଳାର ଐତିହ, ସଂସ୍କୃତି ଓ ପରମ୍ପରାକୁ ନେଇ ଗତ ୧୮ ବର୍ଷ ତଳେ ଧର୍ମଶାଳା ମହୋତ୍ସବର ପରିକଳ୍ପନା କରାଯାଇଥିଲା । ଜାରକା ମେଲଣ ପଡ଼ିଆରେ ୨୦୦୫ରେ ଏହି ମହୋତ୍ସବ ଆରମ୍ଭ ହୋଇଥିଲା । ହେଲେ ଏହି ମହୋତ୍ସବ ଧିରେ ଧିରେ ଏକ ବିଶାଳ ରୁପ ନେଇଥିଲା । ମହୋତ୍ସବକୁ ଆସୁଥିବା ଦର୍ଶକ ମେଳାରେ ବୁଲିବା ସହିତ ମନପସନ୍ଦର ଘରକରଣା ସାମଗ୍ରୀ କିଣିବାର ସୁଯୋଗ ପାଉଛନ୍ତି ।

# ୯ରେ ହକି ବିଶ୍ୱ କପ୍ ଟ୍ରଫିକୁ ଭବ୍ୟ ସ୍ୱାଗତ

ଯାଜପୁର ଟାଉନ,୨।୧(ଡି.ଏନ.ଏ.)

ଆସନ୍ତା ୯ ତାରିଖରେ ହକି ବିଶ୍ୱ କପ୍ ଟ୍ରଫି ଯାଜପୁର ଜିଲାରେ ପହଞ୍ଚିବ । ଏହାର ଭବ୍ୟ ସ୍ୱାଗତ ପାଇଁ ଜିଲା ପ୍ରଶାସନ ତରଫରୁ ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୯ ତାରିଖ ଅପରାହ୍ନରେ ଭଦ୍ରକ ଜିଲା ପ୍ରଶାସନଠାରୁ ଛତାବରଠାରେ ହକି ବିଶ୍ୱ କପ୍ ଟ୍ରଫି ଗ୍ରହଣ କରାଯାଇ ସେଠାରୁ ବାଳାଶ୍ରମ ନିକଟରୁ ଅଣାଯିବ। ସେଠାରେ ସ୍ୱାଗତ ପୂର୍ବକ ଏକ ଶୋଭାଯାତ୍ରାରେ କୁସୁମା ସ୍ଥିତ କ୍ରିକେଟ୍ ଷ୍ଟାଡିୟମକୁ ନିଆଯିବ । କ୍ରୀଡାପ୍ରେମୀ ଓ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ କିଛି ସମୟ ରହିବ । ଏହି ସମୟ ଭିତରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ କ୍ରୀଡାପ୍ରେମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଜନ ପ୍ରତିନିଧି ଓ ସାଧାରଣ ଜନତାଙ୍କୁ ସାମିଲ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । କୁସୁମାଠାରେ ସ୍ୱାଗତ ଉତ୍ସବ ପରେ ବିଶ୍ୱ କପ୍ ଟ୍ରଫି ଧର୍ମଶାଳ ବ୍ଲକ୍‌ର ଜାରକାଠାରେ ପହଞ୍ଚିବ । ସେଠାରୁ କେନ୍ଦ୍ରପଡା ଅଭିମୁଖେ ଯାତ୍ରା କରିବ । ଏହି ବୈଠକରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଦର୍ଶ ବିଦ୍ୟାଳୟ ଉନ୍ନତୀକରଣ କାମ ପାଇଁ ଶିଳାନ୍ୟାସ




ପାଣିକୋଇଲି,୨।୧(ଡି.ଏନ.ଏ.)

କୋରାଇ ବ୍ଲକ ଧନେଶ୍ୱର ପଞ୍ଚାୟତ ବେଗନାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ ସୋମବାର ଅନୁଷ୍ଠିତ ହୋଇଛି। କୋରାଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ । ସମ୍ମାନିତ ଅତିଥିଭାବେ କୋରାଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ବିଭାଗୀୟ ବରିଷ୍ଠଯନ୍ତ୍ରୀ ଆଲୋକ କୁମାର ମହାନ୍ତି, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଭ୍ରମରବର ମଲ୍ଲିକ, ସ୍ଥାନୀୟ ସରପଞ୍ଚ ଶ୍ୟାମସୁନ୍ଦର ମାଝି, ସମିତିସଭ୍ୟ ରମେଶ କୁମାର ମାଝି ପ୍ରମୁଖ ଶିଳାନ୍ୟାସରେ ଯୋଗଦେଇଥିଲେ । ଅନ୍ୟତମ ଅତିଥିଭାବେ ବ୍ୟାସନଗର ତହସିଲଦାର ଅଶେକ କୁମାର ମାଝି, ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ, ଜିଲା ଯୁବବିଜେଡି ସଭାପତି ପ୍ରତାପ କୁମାର ମହାନ୍ତି, ବିଧାୟକ ପ୍ରତିନିଧି ତାରକେଶ୍ୱର ମହାନ୍ତି, ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ଜିଲାଯୁବ ଉପସଭାପତି ରାକେଶ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ ।

# ଆସନ୍ତା ୩୦ରୁ ୪୦ ଦିନ ସତର୍କ ରହିବାକୁ ପଡ଼ିବ

## ଓମିକ୍ରନ୍ ବିଏଫ୍-୭ ଚିନ୍ତା

ଭୁବନେଶ୍ୱର, ୨।୧(ବ୍ୟୁରୋ):

ଦେଶରେ ଏବେ ଦେଖାଯାଇଥିବା କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ବିଏଫ୍-୭ ଯୋଗୁ ଜନସାଧାରଣଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଥିବାବେଳେ ଏହାକୁ ନେଇ ଭୟଭୀତ ନ ହେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଉଛି। ଏହି ନୂଆ ଭାରିଆଣ୍ଟର ଲକ୍ଷଣ ଓ ଭୟାବହତା କେତେ ହେବ ତାହା ଜଣାପଡିନାହିଁ। ଏ ନେଇ ପରୀକ୍ଷା ନିରୀକ୍ଷା ଚାଲିଛି। ତେବେ ଆସନ୍ତା ୩୦ରୁ ୪୦ ଦିନ ଯାଏ ଆମକୁ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ଅପରପକ୍ଷେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ନଭେମ୍ବର ୧୧ରୁ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୧୨ତଳେ ରହୁଛି। ବର୍ତ୍ତମାନ ରାଜ୍ୟରେ ମାତ୍ର ୫୦ଜଣ ରୋଗୀ ରହିଛନ୍ତି। ଆଗକୁ ସଂକ୍ରମଣ ବଢ଼ିପାରେ। କିନ୍ତୁ ଏହା କେତେ କ୍ଷତି ପହଞ୍ଚାଇବ, ଲକ୍ଷଣ କେତେ ଭୟଙ୍କର ହେବ, ତାହାର ତଥ୍ୟ ଆସିନାହିଁ। ତେବେ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସମସ୍ତ ମେଡିକାଲ କଲେଜରେ ୨୦ଟି ଲେଖାଏ ବେଡ୍ ମହଜୁଦ ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ବେଡ୍ ପ୍ରସ୍ତୁତ ରହିଛି। ଆବଶ୍ୟକ ପଡ଼ିଲେ ବେଡ୍ ସଂଖ୍ୟା ବଢ଼ାଯିବ। ହକିପାଇଁ କଟକ, ଭୁବନେଶ୍ୱର ଓ ରାଉରକେଲାର ସମସ୍ତ ଅର୍ବାନ ପିଏଚ୍‌ସି ଓ ସିଏଚ୍‌ସିରେ ଟେଷ୍ଟିଂ ବ୍ୟବସ୍ଥା କରାଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅରୋଦୀପା


@ ଦେବବ୍ରତ


@ କୁନାଲ


@ ସସ୍ମିତା


@ ପ୍ରତିକ୍ଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୪୧ ଅଭିଯୋଗର ତତ୍କାଳ ସମାଧାନ ହେଲା

## ଯାଜପୁରରେ ଯୁଗ୍ମ ଜନ ଶୁଣାଣି ଶିବିର

ଯାଜପୁର ଟାଉନ,୨।୧(ଡି.ଏନ.ଏ.)



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ ।

ସୋମବାର ପୂର୍ବାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ୭୮ ବ୍ୟକ୍ତିଗତ, ୧୭ ରେଡ଼କ୍ରସ ସହାୟତା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧୪ ଓ ସାମୁହିକ ଅଭିଯୋଗକୁ ନେଇ ୮ ଟି ଆବେଦନ ପତ୍ର ମିଳିଥିଲା। ତତ୍କାଳ ୪୧ ଆବେଦନର ସମାଧାନ କରାଯାଇଥିଲା । ଅବଶିଷ୍ଟ ଅଭିଯୋଗର ସମାଧାନ ଅଧିକାରୀମାନଙ୍କ ଦ୍ୱାରା କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ଦୁଃଖବନ୍ଧୁ ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଆରକ୍ଷୀ ଅଧୀନ ନାରାୟଣ ଚନ୍ଦ୍ର ବାରିକ, ଉପଜିଲାପାଳ ଗୋପୀନାଥ କୁଅଁର ପ୍ରମୁଖ ଯୋଗ ଦେଇଥିଲେ ।

# ମିଠା ବଣ୍ଟନକୁ ନେଇ ଶ୍ରମିକ ଅଶାନ୍ତି

କାଳିଆପାଣି,୨।୧(ଡି.ଏନ.ଏ.)

ଓଡ଼ିଶା ଖଣି ନିଗମ ଦକ୍ଷିଣ କାଳିଆପାଣି ଡି.କ୍ୱାରୀ କ୍ରୋମାଇଟ୍ ଖଣିରେ ଭୋଜି ବଦଳରେ ମିଠା ବଣ୍ଟନକୁ ନେଇ ଶ୍ରମିକ ଅଶାନ୍ତି ଦେଖାଦେଇଛି । ପୂର୍ବରୁ ଖଣି ଉତ୍ତୋଳନ କାର୍ଯ୍ୟ କରୁଥିବା ବିଜିଆର କମ୍ପାନୀର ସମୟ ଅବଧି ସରିଯିବା ପରେ ନୂତନ ଟେଣ୍ଡର ପ୍ରାପ୍ତ ହୋଇଥିବା କାଣ୍ଡୋଇ ନାହିଁ ନାହିଁରେ କାର୍ଯ୍ୟ ଆରମ୍ଭ କରିଛି । ରବିବାର ନୂଆବର୍ଷକୁ ଖଣି ଅଞ୍ଚଳର ବିଭିନ୍ନ କମ୍ପାନୀର ଶ୍ରମିକ କର୍ମଚାରୀମାନେ ଧୁମ୍‌ଧାମ୍‌ରେ ପାଳନ କରିଥିଲେ । ସବୁଠି ଭୋଜିଭାତର ଆସର ଜମିଥିଲା । ହେଲେ କାଣ୍ଡୋଇ କମ୍ପାନୀ ଶ୍ରମିକମାନଙ୍କୁ ମିଠା ପ୍ୟାକେଟ ଦେଇ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଥିଲା । ଏହାକୁ ଶ୍ରମିକମାନେ ବିରୋଧ କରିବା ସହ ମିଠା ପ୍ୟାକେଟକୁ ଗ୍ରହଣ କରି ନ ଥିଲେ । ପୂର୍ବରୁ କାଣ୍ଡୋଇ କର୍ତ୍ତୃପକ୍ଷଙ୍କୁ ଶ୍ରମିକମାନେ ନୂଆବର୍ଷରେ ସାମୁହିକ ଭାବେ ଏକ ଭୋଜି କରିବାର ପ୍ରସ୍ତାବ ଦେଇଥିଲେ । ଏହାକୁ କମ୍ପାନୀ କର୍ତ୍ତୃପକ୍ଷ ଗ୍ରହଣ କରି ନ ଥିଲେ । ସୂଚନା ଅନୁଯାୟୀ, ଉକ୍ତ ଖଣିରେ ଶ୍ରମିକମାନେ ଦୀର୍ଘ ୩୫ ବର୍ଷ ଧରି କାମ କରିଆସୁଛନ୍ତି । ଠିକାଦାର ପରିବର୍ତ୍ତନ ସମୟରେ ସମସ୍ତ କର୍ମଚାରୀଙ୍କୁ ଚାକିରୀରୁ ଛଟେଇ କରାଯାଇ ନୂଆ ଠିକାଦାର ପାଖରେ ପୁଣି ନୂତନ ଭାବେ ନିଯୁକ୍ତି ମିଳୁଛି । ଫଳରେ ବରିଷ୍ଠତାକୁ ଅଣଦେଖା କରାଯାଇ ନିଯୁକ୍ତିଦାତାଙ୍କ ଠାରୁ ମିଳୁଥିବା ବେତନକୁ କମାଇ ଦିଆଯାଉଛି। ପୂର୍ବରୁ ବିଜିଆର କମ୍ପାନୀରେ ୩୩୧ କର୍ମଚାରୀ ନିଯୁକ୍ତି ପାଇ ଖଣିରେ କାମ କରୁଥିଲେ । ଏବେ କାଣ୍ଡୋଇ ମାତ୍ର ୧୫୦ ଜଣ କର୍ମଚାରୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ କାମ କରିବାକୁ ବିଭିନ୍ନ ଆଳ ଦେଖାଇ ପ୍ରୟାସ ଜାରି ରଖିଛି । ପୁନଃ ନିଯୁକ୍ତି ନ ପାଇ ଛଟେଇ ହୋଇ ଘରେ ବସିଥିବା ୨୦୦ କର୍ମଚାରୀଙ୍କ ପରିବାର ଦୁଃଖକଷ୍ଟରେ କାଳତିପାତ କରୁଛନ୍ତି। ସେମାନଙ୍କୁ କେବେ ନିଯୁକ୍ତି ମିଳିବ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିପାଇଁ ଖଣି ଖନନ ଓ ଉତ୍ତୋଳନ କାର୍ଯ୍ୟରେ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଓଡ଼ିଶା ଖଣି ନିଗମ କ୍ଷତି ସହିବ ଏଥିରେ ସନ୍ଦେହ ନାହିଁ । ଏନେଇ ଖଣି ପରିଚାଳକ ଗଣେଶ୍ୱର ଭୂୟାଁଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ଫୋନ ନ ଲାଗିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### କଲେଜ ଛାତ୍ରୀ ନିଖୋଜ

**ଫୁଲବାଣୀ ଅଫିସ, ୨।୧:** କନ୍ଧମାଳ ଜିଲା ଖଜୁରିପଡା ଥାନା ଅନ୍ତର୍ଗତ ଗୁଡ଼ିସାହି ଠାରେ ଥିବା ଏକ ଘରୋଇ କଲେଜର ଜଣେ ଛାତ୍ରୀ ନିଖୋଜ ଅଛନ୍ତି। ଛାତ୍ରୀଙ୍କ ମା' ବାପା ଏ ନେଇ ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ସହ ଶୀଘ୍ର ଝିଅକୁ ଖୋଜି ଆଣିବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଝିଅ ନିଖୋଜ ହେବା ପରେ ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷ ନୀରବ ରହିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁସାରେ ଟିକାବାଲି ଗଣ୍ଡଗାଁର ଛାତ୍ରୀ ଜଣକ ଗୁଡ଼ିସାହିରେ ଜଣେ ସାଙ୍ଗ ସହ ଘରଭଡା ନେଇ ରହୁଥିଲେ। ଗତ ଡିସେମ୍ବର ୯ ତାରିଖରେ ସେ ଘରକୁ ଯିବାକୁ କହି କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ନ ପାଇବାରୁ ଗତ ୧୬ ତାରିଖରେ ଖଜୁରିପଡା ଥାନାରେ ଏତଲା ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ଛାତ୍ରୀଙ୍କର କୌଣସି ଖୋଜ ଖବର ମିଳିନାହିଁ। ତେଣୁ ତାଙ୍କ ମା' ବାପା ଏସ୍‌ପି ଭିନୀତ ଅଗ୍ରୱାଲଙ୍କୁ ଭେଟିଥିଲେ। ଏସ୍‌ପି ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ପଦକ୍ଷେପ ନେବାକୁ ଖଜୁରୀପଡା ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରୀଙ୍କ ମୋବାଇଲରେ ଥିବା ଦୁଇଟି ଯାକ ସିମକାର୍ଡ ବନ୍ଦ ରହିଛି। ତାଙ୍କୁ ଖୋଜିବା ପାଇଁ ଉଦ୍ୟମ ଜାରି ରହିଥିବା ଖଜୁରିପଡା ଥାନାଧିକାରୀ ଗେଲୀ କୁମାରୀ ସାହୁ ସୂଚନା ଦେଇଛନ୍ତି।

### ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

**ବ୍ରହ୍ମପୁର ଅଫିସ,୨।୧:** ବ୍ରହ୍ମପୁର କୋର୍ଟ ଆଇନଜୀବୀ ଉମାଚରଣ ପାଣିଗ୍ରାହୀ (୬୨)ଙ୍କର ରବିବାର ରାତିରେ ବିୟୋଗ ହୋଇଥିଲା। ସୋମବାର ଏନେଇ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଓକିଲ ସଂଘ ସଭାପତି କପିଳ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଆଇନଜୀବୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ଜ୍ଞାପନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁଶୀଲ ତ୍ରିପାଠୀ, ଆଇନଜୀବୀ ଅକ୍ଷୟ ପଟ୍ଟନାୟକ, ବିରଞ୍ଚି ମହାପାତ୍ର, ରଘୁନାଥ ପାଣିଗ୍ରାହୀ, କରୁଣାକର ପାଣିଗ୍ରାହୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୋମବାର ଏକ ଘଣ୍ଟା ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତଗୁଡ଼ିକରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

### ନକଲି ମଦ କାରବାର ଘଟଣା
### ହାଇସ୍କୁଲ ଶିକ୍ଷକଙ୍କୁ ମିଳିଲା ଜାମିନ

**ବ୍ରହ୍ମପୁର ଅଫିସ,୨।୧:** ନକଲି ଦେଶୀ ମଦ କାରବାରରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳକାରାଗାରରେ ଥିବା ହାଇସ୍କୁଲ ଶିକ୍ଷକ ସୁବାସ ଚନ୍ଦ୍ର ସାହୁଙ୍କୁ ସୋମବାର ସର୍ତ୍ତମୂଳକ ଜାମିନ ମିଳିଛି। ପୂର୍ବରୁ ତାଙ୍କ ଜାମିନ ଏସ୍‌ଡ଼ିଜେଏମ ଖାରଜ କରିଦେଇଥିଲେ। ଉକ୍ତ ଶିକ୍ଷକଙ୍କ ଜାମିନ ପାଇଁ ତାଙ୍କ ଓକିଲ ଜିଲା କୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି ପାଇଁ ସୋମବାର ଦିନ ଧାର୍ଯ୍ୟ ହୋଇଥିଲା। ଜିଲା ଏହାର ଶୁଣାଣି କରି ଅଭିଯୁକ୍ତ ଶିକ୍ଷକ ସୁବାସଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଗତ ୨୪ ତାରିଖରେ ଅବକାରୀ ଗୋଇନ୍ଦା ବିଭାଗ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବଉଳଝୋଳି ପଞ୍ଚାୟତ ବଳରାମପଲିର ସୁବାସଙ୍କ ଘରେ ଚଢାଉ କରିଥିଲେ। ସେ ଜଣେ ହିନ୍ଦୀ ଶିକ୍ଷକ ଥିବା ବେଳେ ତାଙ୍କ ଘରୁ ୧୨୫ ଲିଟର ନକଲି ଦେଶୀ ମଦ ଜବତ ହୋଇଥିଲା।

### ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଧାନ ପୋଡି ପାଉଁଶ

ପାପଡ଼ାହାଣ୍ଡି, ୨।୧(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ସରାଗୁଡା ଗ୍ରାମରେ ସୋମବାର ନିଆଁ ଲାଗି ଖଗପତି ଭତରାଙ୍କ ଖଳାରେ ଥିବା ଧାନଗଦା ପୋଡି ପାଉଁଶ ହୋଇଯାଇଛି। ଚଳିତବର୍ଷ ୪ ଏକର ଧାନଚାଷ କରିଥିଲେ। ଗତ କିଛି ଦିନ ତଳେ ଧାନ ଫସଲ କାଟି ଘର ନିକଟରେ ଭାଲୁ କୁଆଁରୀ ଜାଗାରେ ଖଳାରେ ଗଦା କରି ରଖିଥିଲେ। ତେବେ ସୋମବାର ଅପରାହ୍ନ ୪ ଘଣ୍ଟାରେ କୌଣସି କାରଣରୁ ଉକ୍ତ ଧାନଗଦାରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଏହାକୁ ଦେଖିବା ପରେ ନିଆଁକୁ ଆୟତ୍ତ କରିବା ସହ ଖଗପତି ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଗ୍ରାମବାସୀ ନିକଟରେ ରହିଥିବା ପାଣି ମୋଟର ସାହାଯ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ଗାଡି ପହଞ୍ଚି ଧାନଗଦା ଭିତରେ ନିଆଁ ରହିଥିବା ଜାଣି ପୁଣି ନିଆଁକୁ ଲିଭାଇଥିଲା। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଯୋଗାଇଦବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କାର୍ଯ୍ୟାଳୟରେ ତାଲା ପକାଇ ଧାରଣା, ରାସ୍ତାରୋକୋ

**ନବରଙ୍ଗପୁର,୨।୧(ବି.ପ୍ର.)**

- ପୌରାଧ୍ୟକ୍ଷଙ୍କୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ
- ଧାରଣାରତ ୨୫ ଭାଜପା ନେତାଙ୍କୁ ଉଠାଇନେଲା ପୋଲିସ
- ମଙ୍ଗଳବାର ୧୨ ଘଣ୍ଟିଆ ନବରଙ୍ଗପୁର ସହର ବନ୍ଦ ଡାକରା


ଭାଜପା ନେତା ଓ କର୍ମୀମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ ପୌରାଧ୍ୟକ୍ଷ କୁନୁ ନାୟକଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ନବରଙ୍ଗପୁର ଜିଲା ପରିଷଦ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ସୋମବାର ତାଲା ପକାଇ ଧାରଣା ଦେଇଛନ୍ତି ଭାଜପା ନେତା ଓ କର୍ମମର୍ତ୍ତା। ଅପରାହ୍ନରେ ୨୬ ନମ୍ବର ଜାତୀୟ ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ ମଧ୍ୟ କରିଥିଲେ। ଅଧିକାରୀ ଜଣଙ୍କ କ୍ଷମା ମାଗନ୍ତୁ ବୋଲି ଧାରଣାରତ ନେତା ଓ କର୍ମକର୍ତ୍ତାମାନେ ଦାବି କରିଥିଲେ। ୧ ଘଣ୍ଟା ରାସ୍ତାରୋକୋ ପରେ ପୋଲିସ ୨୫ ଜଣଙ୍କୁ ଉଠାଇ ଥାନାକୁ ଆଣିଛି। ମଙ୍ଗଳବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନବରଙ୍ଗପୁର ସହର ବନ୍ଦ ଡାକରା ଦେଇଛି ଭାଜପା। ଏହି ସମୟରେ ଔଷଧ ଓ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାରହିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁଯାୟୀ, ରବିବାର ନବରଙ୍ଗପୁର ସହର ଆର୍‌ସିଡି ନୋଡାଲ ହାଇସ୍କୁଲ ପଡ଼ିଆରେ ହକି ବିଶ୍ୱକପ୍ ଟ୍ରଫିକୁ ସ୍ୱାଗତ କାର୍ଯ୍ୟକ୍ରମ ଚାଲିଥିବାବେଳେ ମଞ୍ଚ ପାଖରେ ବସିଥିବା ପୌରାଧ୍ୟକ୍ଷ କୁନୁ ନାୟକଙ୍କୁ ଅନ୍ୟା ଦାସ ହୁ ଆର୍ ୟୁ ବୋଲି ପଚାରିଥିଲେ। ଏଥିସହ ପ୍ରୋଟୋକଲ ଜାଣି ନ ଥିବା କହି ତାଙ୍କୁ ଅଧିକାରୀ ଜଣକ ପୌରାଧ୍ୟକ୍ଷଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରିଛି ଜିଲା ଭାଜପା। ଅଧିକାରୀ ଜଣକ କ୍ଷମା ନ ମାଗିଲେ ପ୍ରତିବାଦ ଜୋର୍‌ଦାର କରାଯିବ ବୋଲି ଭାଜପା ଚେତାବନୀ ଦେଇଛି। ଜିଲା ପ୍ରଶାସନ ବାରମ୍ବାର ପୌରାଧ୍ୟକ୍ଷଙ୍କୁ ଅଣଦେଖା କରିବା ସହ ଦୁର୍ବ୍ୟବହାର କରୁଛନ୍ତି। ଧାରଣାସ୍ଥଳରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଆସି ଯଦି ପୌରାଧ୍ୟକ୍ଷଙ୍କୁ କ୍ଷମା ନ ମାଗନ୍ତି ତା'ହେଲେ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଚେତାବନୀ ଦେଇଛନ୍ତି। ମୁଖ୍ୟ ଉନ୍ନୟନ ଅଧିକାରୀ ଜଣେ ମହିଳା। ମହିଳାଙ୍କୁ ସମ୍ମାନ ଦେବା ସହ ବିଶ୍ୱକପ୍ ହକିର ଟ୍ରଫିକୁ ସ୍ୱାଗତ କାର୍ଯ୍ୟକ୍ରମ ଚାଲିଥିବାରୁ ଅପମାନ ସହିଥିଲି। କିନ୍ତୁ ମୋର ସମ୍ମାନ ପ୍ରତି ଆଞ୍ଚ ଆସିଥିବାରୁ ତୁରନ୍ତ କ୍ଷମା ନ ମାଗିଲେ ଆଗାମୀ ଦିନରେ ସହର ସହ ଜିଲା ବନ୍ଦ କରିବାକୁ ବାଧ ହେବୁ ବୋଲି ପୌରାଧ୍ୟକ୍ଷ କୁନୁ ନାୟକ କହିଛନ୍ତି। ଧାରଣାରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, ପୌରାଧ୍ୟକ୍ଷ କୁନୁ ନାୟକ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଦାସ, ନଗର ଭାଜପା ସଭାପତି ପିଣ୍ଟୁ ମିଶ୍ର, କାଉନସିଲର ଏ. ସତୀଶ, ବରିଷ୍ଠ ଭାଜପା ନେତା ଶ୍ରୀଧର ପାତ୍ର, କାଉନସିଲର ଶର୍ମିଷ୍ଠା ଦେଓ, ଅମିତ ପ୍ରଧାନ, ସମେଶ ଖୋରା, ମମତା ମହାରଣା, ଯୁବମୋର୍ଚ୍ଚା ନଗର ସଭାପତି ଭିକି ଜେନା, ଯୁବମୋର୍ଚ୍ଚା ନଗର ସମ୍ପାଦକ, ନଗର ଉପସଭାପତି ବିନୁ ସୁନା, ଯୁବନେତା ସୁବ୍ରତ ମିଶ୍ର, ମିଟୁ ମହାରଣା, ସରୋଜ ବେହେରା, ଶ୍ରୀଧର ପାତ୍ର, ଦୟାସିନ୍ଧୁ ଭତ୍ରା, ବୁଭାନ ନାୟକ, ନାରୀ ନେତ୍ରୀ ସୁକାନ୍ତି ବେହେରା, ମିନତି ପଟ୍ଟନାୟକଙ୍କ ସମେତ ଶତାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ। ପୋଲିସ ଉଠାଇନେଇଥିବା ସମସ୍ତ ୨୫ଜଣ ଦଳୀୟ କର୍ମୀଙ୍କୁ ଛାଡି ଦେଇଛି। ଏନେଇ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି। ପୌରାଧ୍ୟକ୍ଷ ନିଜକୁ କାଉନ୍‌ସିଲରଭାବେ ପରିଚୟ ଦେଇଥିଲେ। ତେଣୁ ପ୍ରୋଟୋକଲ ହିସାବରେ ସେ ଜିଲାପାଳଙ୍କ ପାଖରେ ବସିପାରିବେ ନାହିଁ ବୋଲି ତାଙ୍କୁ କହିଥିଲି। କୌଣସି ଦୁର୍ବ୍ୟବହାର ତାଙ୍କ ସହ କରିନାହିଁ ବୋଲି ସେ କହିଛନ୍ତି।

### ଚିକିତ୍ସାଧୀନ ଅବସ୍ଥାରେ ମହିଳା ମୃତ

**ଡାବୁଗାଁ, ୨।୧ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନାର ସିଂସାରି ଫାଣ୍ଡି ଅଧୀନ କର୍ଲାବେଡ଼ା ଗ୍ରାମର ଇଚ୍ଛାବତୀ ଭତ୍ରା (୪୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଡାବୁଗାଁ ଥାନାର ସିଂସାରି ଫାଣ୍ଡି ଅଧୀନ କର୍ଲାବେଡ଼ା ଗ୍ରାମର ଚାତ୍ରୀ ଭତ୍ରାଙ୍କ ସ୍ତ୍ରୀ ଇଚ୍ଛାବତୀ ଭତ୍ରା ରବିବାର ସନ୍ଧ୍ୟାରେ ବାନ୍ତି କରିଥିଲେ। ଇଚ୍ଛାବତୀ ବାରମ୍ବାର ବାନ୍ତି କରିବା ଦେଖି ପରିବାର ଲୋକେ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ସ୍ୱାମୀ ଚାତ୍ରୀ ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସ୍‌ଆଇ ପୁଷ୍ପଲତା ସୁନାନୀ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ପଞ୍ଚନାମା କରିବା ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତ୍ୟୁର କାରଣ ଜଣାପଡିନାହିଁ। ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି । ଏନେଇ ଥାନା କେସ ନଂ ୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଆସନ୍ତା ୩୦ରୁ ୪୦ ଦିନ ସତର୍କ ରହିବାକୁ ପଡ଼ିବ

### ଓମିକ୍ରନ୍ ବିଏଫ୍-୭ ଚିନ୍ତା

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ଦେଶରେ ଏବେ ଦେଖାଯାଇଥିବା କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ବିଏଫ୍-୭ ଯୋଗୁ ଜନସାଧାରଣଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଥିବାବେଳେ ଏହାକୁ ନେଇ ଭୟଭୀତ ନ ହେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଉଛି। ଏହି ନୂଆ ଭାରିଆଣ୍ଟର ଲକ୍ଷଣ ଓ ଭୟାବହତା କେତେ ହେବ ତାହା ଜଣାପଡିନାହିଁ। ଏ ନେଇ ପରୀକ୍ଷା ନିରୀକ୍ଷା ଚାଲିଛି। ତେବେ ଆସନ୍ତା ୩୦ରୁ ୪୦ ଦିନ ଯାଏ ଆମକୁ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ଅପରପକ୍ଷେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ନଭେମ୍ବର ୧୧ରୁ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୧୨ତଳେ ରହୁଛି। ବର୍ତ୍ତମାନ ରାଜ୍ୟରେ ମାତ୍ର ୫୦ଜଣ ରୋଗୀ ରହିଛନ୍ତି। ଆଗକୁ ସଂକ୍ରମଣ ବଢ଼ିପାରେ। କିନ୍ତୁ ଏହା କେତେ କ୍ଷତି ପହଞ୍ଚାଇବ, ଲକ୍ଷଣ କେତେ ଭୟଙ୍କର ହେବ, ତାହାର ତଥ୍ୟ ଆସିନାହିଁ। ତେବେ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସମସ୍ତ ମେଡିକାଲ କଲେଜରେ ୨୦ଟି ଲେଖାଏ ବେଡ୍ ମହଜୁଦ ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ବେଡ୍ ପ୍ରସ୍ତୁତ ରହିଛି। ଆବଶ୍ୟକ ପଡ଼ିଲେ ବେଡ୍ ସଂଖ୍ୟା ବଢ଼ାଯିବ। ହକି ପାଇଁ କଟକ, ଭୁବନେଶ୍ୱର ଓ ରାଉରକେଲାର ସମସ୍ତ ଅର୍ବାନ ପିଏଚ୍‌ସି ଓ ସିଏଚ୍‌ସିରେ ଟେଷ୍ଟିଂ ବ୍ୟବସ୍ଥା କରାଯାଉଛି। ଏହାସହ ହକି ଷ୍ଟାଡିୟମ ଭିତରେ ମଧ୍ୟ ଟେଷ୍ଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ବ୍ରହ୍ମାକୁମାରୀ ଗୀତା ପାଠଶାଳାର ବାର୍ଷିକ ଉତ୍ସବ



**ଖଣ୍ଡପଡା,୨।୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ପଞ୍ଚାୟତସ୍ଥି ଚାଉପଲ୍ଲୀ ବ୍ରହ୍ମାକୁମାରୀ ଗୀତା ପାଠଶାଳାର ବାର୍ଷିକ ଉତ୍ସବ ଓ ସୁବର୍ଣ୍ଣ ଭାରତ ଗଠନରେ ନାରୀଶକ୍ତିର ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ସ୍ଥାନୀୟ ଶିବସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବୁଗୁଡା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମା କୁମାରୀ ବିଷ୍ଣୁ ଯୋଗଦେଇ ଆତ୍ମା ପରମାତ୍ମା ସମ୍ପର୍କିତ ଶିବ ବାବାଙ୍କର ଯୋଗସୂତ୍ର ସମ୍ବନ୍ଧରେ ଆଲୋକପାତ କରି ନାରୀଶକ୍ତିକୁ ଜାଗ୍ରତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ପ୍ରଭାକର ଶିରୋମଣି, ସମ୍ମାନିତ ଅତିଥି କୁନି ପ୍ରତିଭା ରୁପାଲୀ ସାହୁ, ଆଠଗଡର ରାଜ ଯୋଗିନୀ ବିକେ ରିତା, ରାଜ ଯୋଗିନୀ ବିକେ ମନୋରମା, ମୁଜାଫରପୁର(ବିହାର), କଳାପଥର କେନ୍ଦ୍ର ସଞ୍ଚାଳିକା ରାଜ ଯୋଗିନୀ ବିକେ ଯାଜ୍ଞସେନୀ ଓ ଖଣ୍ଡଗିରି କେନ୍ଦ୍ର ସଞ୍ଚାଳିକ ବିକେ ସଦାଶିବ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ସମାଜରେ ନାରୀଶକ୍ତି ଦୁର୍ବଳ ହେଉଥିବା ବେଳେ ମନୁଷ୍ୟ ନିଜ ସ୍ଥିତି ତଥା ବାସ୍ତବତାକୁ ଉପଲବ୍ଧୀ କରି ସତ୍ ପଥରେ ପଥିକ ହୋଇ ପାରିଲେ ସେ ଜଣେ ମହାନ ବ୍ୟକ୍ତି ହୋଇପାରିବ ବୋଲି ମତବ୍ୟକ୍ତ କରି ନାରୀ ଶସକ୍ତିକରଣ, ନାରୀଶକ୍ତିର ଜାଗରଣ, ଚରିତ୍ର ନିର୍ମାଣ ଓ ଶିବ ପିତା ପରମାତ୍ମାଙ୍କର ପ୍ରକୃତ ପରିଚୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିକେ ବସନ୍ତ କୁମାର ମହାରଣା ସ୍ୱାସ୍ଥ୍ୟ ସମ୍ପର୍କରେ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ଖଳିସାହି କେନ୍ଦ୍ର ସଞ୍ଚାଳିକା ବିକେ ଜ୍ୟୋତ୍ସ୍ନାରାଣୀ ଅଧକ୍ଷତା କରି ଏହି ଅନୁଷ୍ଠାନର ମୁଖ୍ୟଲକ୍ଷ୍ୟ ସମ୍ପର୍କରେ ସୂଚନା ଦେବା ସହ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଶିକ୍ଷା ହେଉଛି ଅଦ୍ୱିତୀୟ। ଏହାର ଶିକ୍ଷାକୁ ଆବାଳ ବୃଦ୍ଧ ବନିତା ସମସ୍ତେ ଜାତି, ଧର୍ମ ନିର୍ବିଶେଷରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ବିକେ ରାମଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ। ଖଣ୍ଡପଡ଼ା ଯୁବକ ସଂଘ ସଭାପତି ମହେନ୍ଦ୍ର କୁମାର ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବ୍ରହ୍ମା କୁମାରୀ ଶିଲ୍ପୁ, ଶିବାନୀ, ରଞ୍ଜିତା ଓ ଲୁସି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ବ୍ରହ୍ମାକୁମାରୀ ଜୋତ୍ସ୍ନାରାଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଖଳିସାହି, ମାଧପୁର, ମର୍ଦ୍ଦରାଜପୁର, ବେଣାଗାଡିଆ, ଚାଉପଲ୍ଲୀ, ସିଂଘାପଡା, ଗଡିଆସାହି, ମାଧପୁର, ପଥରଚକଡା, କଳଟାଙ୍ଗୀ, କଳପଙ୍ଗି, କଣ୍ଟିଲୋ ଅଞ୍ଚଳର ୨ ଶହରୁ ଉର୍ଦ୍ଧ୍ୱ ବ୍ରହ୍ମ କୁମାରୀ ଓ ବ୍ରହ୍ମା କୁମାର ଯୋଗ ଦେଇଥିଲେ।

# ଭଣ୍ଡାର ମହୋତ୍ସବ, ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟା

**ଶରଣକୁଳ,୨।୧(ଡି.ଏନ.ଏ.):**

ନୟାଗଡ ଜିଲା ଶରଣକୁଳ ଲଡୁବାବାଙ୍କ ଯାତ୍ରା ପଡିଆରେ ଆରମ୍ଭ ହୋଇଥିବା ଭଣ୍ଡାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୩ୟ ସନ୍ଧ୍ୟାରେ ଅଞ୍ଚଳର ପ୍ରତି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ, ସଙ୍ଗୀତ ପ୍ରଦର୍ଶନ କରିଥିଲେ। ଶିଖରପୁର ଗ୍ରାମର ଜଣେ ଦିବ୍ୟାଙ୍ଗ ହୃଦ୍‌ବନ୍ଧୁ ବାରିକଙ୍କ ଏକକ ଅଭିନୟ ଦର୍ଶକମାନଙ୍କୁ ବେଶ୍ ଉପଭୋଗ୍ୟ ହୋଇଥିଲା। ସୋମବାର ମଞ୍ଚକୁ ପରିଚାଳନା କରିଥିଲେ ନୀଳମାଧବ ମିଶ୍ର, ସୌମ୍ୟାରୂପା ଦାଶ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଭାବେ ସିରିଏଲ୍ ଅଭିନେତ୍ରୀ ବର୍ଷା, ଅଭିନେତା ଚରଣ ତାଙ୍କର କଳା ଏବଂ ଅଭିନୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ଭରପୂର ମନୋରଞ୍ଜନ କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବୋଲଗୋଡ ବେଗୁଆନ ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରଣପୁର ରବିନାରାୟଣ ମହାପାତ୍ର, ରଣପୁର ବିଧାୟକ ତଥା ଭଣ୍ଡାର ମହୋତ୍ସବର ସଭାପତି ସତ୍ୟନାରାୟଣ ପ୍ରଧାନ, ତାପସ ରଞ୍ଜନ ପାଢୀ, ଡ. ସିଦ୍ଧାର୍ଥ ଦାଶ, ନଟବର ସ୍ୱାଇଁ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଓର୍‌ମାସ୍ ଯୋଗ ଦେଇଥିଲେ। ଅତିଥିମାନେ ଶରଣକୁଳ ଏକ ତୀର୍ଥକ୍ଷେତ୍ର ଏବଂ ସାହିତ୍ୟ କ୍ଷେତ୍ରରେ ରାଜ୍ୟରେ ବେଶ୍ ପରିଚିତ ବୋଲି କହିଥିଲେ। ପ୍ରଥମେ ଅତିଥିମାନେ ଲଡୁବାବାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଲୋକମାନେ ବିଭିନ୍ନ ଷ୍ଟଲ୍ ବୁଲି ନିଜର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କ୍ରୟ କରିଥିଲେ। ଏହି ପଲ୍ଲିଶ୍ରୀ ମେଳାରେ ଦର୍ଶକମାନେ ଗୁପ୍‌ଚୁପ୍, ଚାଟ୍, ଦହିବରା ଖାଇ ମଜା ଉଠାଉଛନ୍ତି। ଏହି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆଉ ୨ଦିନ ଚାଲିବ ବୋଲି ସମ୍ପାଦକ ରବୀନ୍ଦ୍ର ମହାପାତ୍ର କହିଛନ୍ତି।



ମହୋତ୍ସବରେ ଉପସ୍ଥିତ ଅତିଥିମାନେ ।

### ମା' ବୀଣାପାଣି କଲଚରାଲ ଟ୍ରଷ୍ଟ ଅଙ୍ଗିଶୀଙ୍ଗୀର ଚତୁର୍ଥ ବାର୍ଷିକୋତ୍ସବ

**ନୟାଗଡ଼ ଅଫିସ,୨।୧:**

ମା' ବୀଣାପାଣି କଲଚରାଲ ଟ୍ରଷ୍ଟ ଅଙ୍ଗିଶୀଙ୍ଗୀ ଚତୁର୍ଥ ବାର୍ଷିକ ଉତ୍ସବ ଅବସରରେ ସୋମବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଯାଇଛି। ଏଥିରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, କବି ବିଜୟ ଚୌଧୁରୀ, ଜିଲା ପରିଷଦ ଚେୟାରମ୍ୟାନ ଦେବାଶିଷ ପଟ୍ଟନାୟକ, ସାମାଜିକ କର୍ମୀ ଲିଙ୍କନ ସୁବୁଦ୍ଧି, ଅଙ୍ଗିଶୀଙ୍ଗି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ଗୋଡ଼ିପଡାର ପାଲା ଗାୟକ ମନୋଜ ମିଶ୍ର ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ସତ୍ୟବାଦୀ ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଅନୁଷ୍ଠାନର ସଭାପତି ସୁବାସ ନାୟକ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଏଥିରେ ସାମାଜିକ କର୍ମୀ ଦାମୋଦର ସାହୁ, ବିଭୁ ପ୍ରସାଦ ମିଶ୍ର, କଳାକାର ରାଜେଶ କୁମାର ଷଡ଼ଙ୍ଗୀ, ହିମାଂଶୁ ବିଧାରଙ୍କ ସମେତ ୪୦ଜଣ ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ଅନ୍ୟପକ୍ଷେ ଜିଲା ପରିଷଦ ସଭାପତି ଏଠାରେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ନିଜେ ରକ୍ତ ଦେଇଥିଲେ। ୧୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ଏବିଭିପିର ଖବରଦାତା ସମ୍ମିଳନୀ

**ଫୁଲବାଣୀ ଅଫିସ, ୨।୧**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଫୁଲବାଣୀସ୍ଥିତ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ରାଜ୍ୟ ସହ ସମ୍ପାଦିକା ସୁଶ୍ରୀ ସନା କହଁର ଏଥିରେ ଅଧକ୍ଷତା କରି ଏବିଭିପିର ପାରିତ ବିଭିନ୍ନ ପ୍ରସ୍ତାବ ତଥା ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟରେ ବିଜେଡି ସରକାର ଦୀର୍ଘ ୨୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାସନ କରି ଆସୁଛି । ଆଜି ପର୍ଯ୍ୟନ୍ତ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇନାହିଁ । ଏହି ପ୍ରସଙ୍ଗକୁ ନେଇ ଆଗାମୀ ଦିନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବ ବୋଲି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ରାଜ୍ୟ ଜନଜାତି ସହ ପ୍ରମୁଖ ତଅପୋଇ କହଁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭମ ଜ୍ୟୋତି ପ୍ରଧାନ, ଯତୀନ୍ଦ୍ର କହଁର ପ୍ରମୁଖ ଉପସ୍ଥିତ ଥିଲେ ।



ଏବିଭିପି କାର୍ଯ୍ୟକର୍ତ୍ତା ।

# ରମାକାନ୍ତଙ୍କ ଚିକିତ୍ସାରେ ଅର୍ଥ ବାଧକ

**ଫୁଲବାଣୀ ଅଫିସ, ୨।୧**

 କନ୍ଧମାଳ ଜିଲା ଚକାପାଦ ବ୍ଲକ ପସରା ପଞ୍ଚାୟତ ବରଡାଖୋଲ ଗ୍ରାମର ରମାକାନ୍ତ କହଁର(୩୫) ଅର୍ଥ ଅଭାବରୁ ଚିକିତ୍ସିତ ହୋଇପାରୁ ନାହାନ୍ତି। ପାଖରେ ଥିବା ଅର୍ଥ ସରିଯିବା ପରେ ଜମିବାଡି ବିକ୍ରି ହୋଇ ସାରିଲାଣି । ତଥାପି ଚିକିତ୍ସା ହୋଇପାରୁନି। ସମ୍ପୂର୍ଣ୍ଣ ଚିକିତ୍ସା ଲାଗି ଆହୁରି ଅର୍ଥ ଦରକାର ବୋଲି ଡାକ୍ତର କହୁଛନ୍ତି। ଅର୍ଥ ନ ଥିବାରୁ ରମାକାନ୍ତ ଏବଂ ତାଙ୍କ ପରିବାର ଅସହାୟ ହୋଇ ପଡିଛନ୍ତି। ସରକାରୀ ଏବଂ ବେସରକାରୀସ୍ତରରେ ତାଙ୍କୁ ସହାୟତା ଦେବା ପାଇଁ ସେ ନିବେଦନ କରିଛନ୍ତି।

ଗତ ଅକ୍ଟୋବରରେ ରମାକାନ୍ତ ଭୁବନେଶ୍ୱର ପାହାଳ ଛକ ପାଖରେ ଥିବା ଏକ ବରଫ କମ୍ପାନୀରେ କାମ କରିବାକୁ ଯାଇଥିଲେ । ସେଠାରେ ୫ଦିନ କାମ କରିବା ପରେ ପାଣିରେ ଅଧିକ ସମୟ କାମ କରି ତାଙ୍କ ଗୋଡରେ ଘା ହୋଇଥିଲା । ମେଡ଼ିସିନ୍ ଖାଇବା ପରେ ଭଲ ନ ହେବାରୁ ସେ ଘରକୁ ଫେରିଆସି ବ୍ରାହ୍ମଣପାଦ ମେଡିକାଲକୁ ଯାଇଥିଲେ । ଅବସ୍ଥା ଦେଖି ଡାକ୍ତର ତାଙ୍କୁ ଫୁଲବାଣୀକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ୧୫ ଦିନ ଚିକିତ୍ସିତ ହେବା ପରେ ମଧ୍ୟ ସ୍ଥିତିରେ ସୁଧାର ଆସି ନ ଥିଲା । ଫଳରେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ରେଫର କରାଯାଇଥିଲା । ସେଠାରେ ଚିକିତ୍ସିତ ହେଉଥିବା ସମୟରେ ରମାକାନ୍ତଙ୍କର ୩ଟି ଆଙ୍ଗୁଠି କଟା ଯାଇଥିଲା । ଘା' ନ ଶୁଖିବାରୁ ପରିବାର ଲୋକେ ତାଙ୍କୁ ଗୋଟିଏ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ । ଟଙ୍କା ସରିଯିବାରୁ ଡାକ୍ତର ସେମାନଙ୍କୁ ବାହାର କରିଦେଲେ। ଟଙ୍କା ଯୋଗାଡ଼ କରି ଡ୍ରେସିଂ ପାଇଁ ଏଠାକୁ ଆସିବାକୁ କହିଥିଲେ । କିଛି ଦିନ ପରେ ଡ୍ରେସିଂ ପାଇଁ ଯିବାରୁ ଡାକ୍ତର କହିଲେ ଏବେ ଭଲ ଅଛି। ତେଣୁ ରମାକାନ୍ତ ଘରକୁ ଆସିଥିଲେ। ଟଙ୍କା ନ ଥିବାରୁ ଆଉ ଡ୍ରେସିଂ ପାଇଁ ଯାଇପାରୁନାହାନ୍ତି। ଏପଟେ ଗୋଡ ନଷ୍ଟ ହେବାକୁ ବସଲାଣି। ଏବେ ଡାକ୍ତର ବିଶାଖାପାଟଣା ଯାଇ ଚିକିତ୍ସା ହେବାକୁ କହୁଛନ୍ତି। ଜମି ବାଡ଼ି, ଘରେ ସୁନା ରୁପା ଯାହାଥିଲା ସବୁ ବିକ୍ରି ସରିଲାଣି । ସରକାରୀ ଏବଂ ବେସରକାରୀ ସହୟତା ମିଳିଲେ ମୋ ସ୍ୱାମୀ ଭଲ ହୋଇପାରିବେ ବୋଲି ରମାକାନ୍ତଙ୍କ ସ୍ତ୍ରୀ ଗାୟତ୍ରୀ ପ୍ରକାଶ କରିଛନ୍ତି। ରମାକାନ୍ତଙ୍କର ୨ଟି ଝିଅ ଏବଂ ଗୋଟିଏ ପୁଅ ସମେତ ପରିବାରରେ ୬ ଜଣ ଅଛନ୍ତି। ସମସ୍ତେ ରକାକାନ୍ତଙ୍କ ଉପରେ ନିର୍ଭରଶୀଳ । ଏବେ ଚିକିତ୍ସା ସହ ପରିବାର କିପରି ଚଳିବ ସେଇ ଚିନ୍ତାରେ ଅଛନ୍ତି।


ରମାକାନ୍ତ କହଁର।

## ସଡ଼କ ଦୁର୍ଘଟଣାରେ ସ୍କୁଟି ଆରୋହୀ ଗୁରୁତର

ପାଣିକୋଇଲି,(ଡି.ଏନ.ଏ.): ପାଣିକୋଇଲି ଥାନା ୧୬ନଂ. ଜାତୀୟ ରାଜପଥର କାଜିପାଟଣା ଗ୍ରାମ ନିକଟରେ ଆଇଚର ଧକ୍କାରେ ଜଣେ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକ ଜିଲା ହୁଣ୍ଡାଇପଲ୍ଲୀ ଗ୍ରାମର ଦେବେନ୍ଦ୍ର ଜେନା କଳିଙ୍ଗନଗର ଜିନ୍ଦଲ କାରଖାନାରେ କାମକରନ୍ତି। ସୋମବାର ଅପରାହ୍ନରେ ସେ କଳିଙ୍ଗନଗରରୁ ସେ ଏକ ସ୍କୁଟି (ନଂ.ଓଡି୨୨ବି ୦୮୬୫)ରେ ଭଦ୍ରକ ଫେରୁଥିବା ସମୟରେ କାଜିପାଟଣା ନିକଟରେ ଏକ ଆଇଚର ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ସ୍କୁଟିରୁ ଛିଟିକି ପଡି ଗୁରୁତର ହୋଇଥିଲେ। ପୋଲିସ ଦେବେନ୍ଦ୍ରଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।

## ସଂକ୍ଷେପରେ

### ମାଲବାହୀ ଅଟୋ ଧକ୍କା, ମହିଳା ଗୁରୁତର

ପାଣିକୋଇଲି,୨।୧(ଡି.ଏନ.ଏ.): ୧୬ନଂ.ଜାତୀୟ ରାଜପଥରେ ଏକ ମାଲବାହୀ ଅଟୋ ଧକ୍କାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ଔପଦା ଗ୍ରାମର ମିଲି ନାୟକ(୨୫)। ମିଲି ସୋମବାର ସକାଳୁ ତାଙ୍କ ସ୍କୁଟି (ନଂ.ଓଡି ୩୪ କେଓ ୬୩୧)ରେ କୁଆଖିଆ ନଠୁଆବର କୋଅପରେଟିଭ ବ୍ୟାଙ୍କ ଯାଉଥିବା ସମୟରେ ମଣିପୁର ନିକଟରେ ଏକ ମାଲବାହୀ ଅଟୋ ସହ ତାଙ୍କ ଗାଡ଼ିର ଧକ୍କା ହୋଇଥିଲା। ପ୍ରଥମେ ତାଙ୍କୁ ପାଣିକୋଇଲି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।

### ମେଗା ପ୍ରକଳ୍ପ କାମ ଅଧା, ପାଣି ପାଇଁ ଲୋକେ ହନ୍ତସନ୍ତ

ସିଂହପୁର,୨।୧(ଡି.ଏନ.ଏ.): ସରକାର ଲୋକମାନଙ୍କ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମେଗା ପ୍ରକଳ୍ପ ଯୋଜନାରେ ବିଂଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଇପ ବିଛା କାମ ଚାଲିଛି। ସେଥିପାଇଁ ଗାଁ ରାସ୍ତାକୁ ଖୋଳି ଦିଆଯାଇଛି। ଅଧିକାଂଶ ସ୍ଥାନରେ କାମ ସରିଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ସେହି କାମ ଅଧପନ୍ତରିଆ ଅବସ୍ଥାରେ ପଡି ରହିଛି। ଫଳରେ ଲୋକମାନେ ଯାତାୟତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେଉଁଠି ପାଇପ ବିଛା ସରିଛି ସେଠାରେ ଷ୍ଟାଣ୍ଡ ପଏଣ୍ଟ ଲଗାଯାଉଛି। ହେଲେ ତାହା ଅତି ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ମେଗା ପ୍ରକଳ୍ପ ପାଇପ ବିଛା କାମ ଯୋଗୁ ପୂର୍ବରୁ ଥିବା ପାଇପ୍ ଫାଟି ଯିବାରୁ ଲୋକେ ପାଣି ପାଇଁ ହସ୍ତସନ୍ତ ହେଉଛନ୍ତି। ଏଥିପାଇଁ ଲୋକେ ପାଣି ବାଲ୍‌ଟିଏ ପାଇଁ ଡହଳବିକଳ ହେଉଛନ୍ତି। ଅଧିକାଂଶ ସ୍ଥାନରେ ଲୋକେ ମୋଟର ଲଗାଇ ନିଜ ଘରର ଟାଙ୍କି ଭର୍ତ୍ତି କରୁଥିବାରୁ ସାଧାରଣ ଲୋକେ ପାଣି ପାଇ ପାରୁ ନାହାନ୍ତି। ଏହି ସମସ୍ୟା ଦୂର କରିବାକୁ ବିଭାଗୀୟ ଜିଲା ଅଧିକାରୀ ଓ ଜିଲାପାଳ ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

### ନିଖୋଜ ନାବାଳକଙ୍କୁ ଉଦ୍ଧାର କରି ଘରକୁ ପଠାଇଲା ପୋଲିସ

ପାଣିକୋଇଲି,୨।୧(ଡି.ଏନ.ଏ.): କେନ୍ଦୁଝରର ଅଞ୍ଚଳରୁ ଘରୁ ଚାଲି ଚାଲି ପଳାଇଆସିଥିବା ଜଣେ ୧୪ ବର୍ଷିୟ ନାବାଳଙ୍କୁ ଗୃହରକ୍ଷୀ ବାହିନୀ ଓ ହେଲପିଂ ଗ୍ରୁପ ସଦସ୍ୟମାନେ ରବିବାର ବିଳମ୍ବିତ ରାତିରେ ଉଦ୍ଧାର କରିଥିଲେ। ସୋମବାର ସକାଳେ ତାଙ୍କୁ କେନ୍ଦୁଝର ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ମକୁନା ଗ୍ରାମର ଗୌରାଙ୍ଗ ସାହୁଙ୍କ ପୁଅ ମାନସ(୧୪)ଙ୍କର ମାନସିକ ବିକୃତି ରହିଛି। ଏହି କାରଣରୁ ସେ ଘରୁ ରବିବାର ଚାଲି ଚାଲି ପଳାଇ ଆସି ପାଣିକୋଇଲି ଛକରେ ପହଞ୍ଚି ଥିଲେ। ଗୃହରକ୍ଷୀମାନେ ତାଙ୍କୁ ଉଦ୍ଧାର କରିବା ପରେ ହେଲପିଂ ଗ୍ରୁପର ସଦସ୍ୟମାନେ ତାଙ୍କୁ ଖାଦ୍ୟପେୟ ଦେଇ ତାଙ୍କ ପରିବାର ସହ ଯୋଗଯୋଗ କରିଥିଲେ। ସକାଳୁ ସମ୍ପର୍କୀୟମାନେ ପହଞ୍ଚି ମାନସଙ୍କୁ ଘରକୁ ନେଇଯାଇଥିଲେ। ଅନୁଷ୍ଠାନର ସଭାପତି ଅଶୋକ କୁମାର ଦାସ, କୃପାସିନ୍ଧୁ ସ୍ୱାଇଁ, ଗୃହରକ୍ଷୀ ରଞ୍ଜନ କୁମାର ମଲିକଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

# ରସୁଲପୁର ବ୍ଲକ୍ କୃଷି ବିଭାଗର ଅଘୋଷିତ ଛୁଟି

**ରସୁଲପୁର,୨।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ କୃଷି କାର୍ଯ୍ୟାଳୟରେ ସୋମବାର କାର୍ଯ୍ୟ ଦିବସରେ ଅଘୋଷିତ ଛୁଟି ଘୋଷିତ ହୋଇଛି। ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର କୌଣସି କାମରେ ବାହାରକୁ ଯାଇଥିବା ବେଳେ ତାଙ୍କ ଅନୁପସ୍ଥିତିରେ ଅନ୍ୟ କର୍ମଚାରୀମାନେ କାର୍ଯ୍ୟାଳୟରେ ଉପସ୍ଥିତ ରହି ନ ଥିଲେ। କର୍ମଚାରୀମାନେ ପଞ୍ଚାୟତ ବୈଠକରେ ଯୋଗଦେବା ବାହାନାରେ କାର୍ଯ୍ୟାଳୟ ଛାଡି ଚାଲି ଯାଇଥିବା ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ଅଭିଯୋଗ ପାରିବା ପରେ ଆମ ଖବରଦାତା ଅପରାହ୍ନ ୧ଟା ୨୭ ମିନିଟ୍‌ରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ବେଳକୁ କେହି ଉପସ୍ଥିତ ନ ଥିଲେ। ପ୍ରତ୍ୟେକ ପ୍ରକୋଷ୍ଠରେ ତାଲା ପଡିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟାଳୟ ପିଅନ ବିବେକାନନ୍ଦ ପରିଡା ବାହାରେ ବୁଲୁଥିଲେ। ତାଙ୍କୁ କର୍ମଚାରୀମାନଙ୍କ ଅନୁପସ୍ଥିତ ସମ୍ପର୍କରେ ପଚାରିବାରୁ ସମସ୍ତେ ଖାଇବାକୁ ଯାଇଛନ୍ତି ବୋଲି କହିଥିଲେ। ଅପରାହ୍ନ ୨ଟା୦୫ରେ କୃଷି ଅଧିଦର୍ଶକ ପଦ୍ମଲୋଚନ ପଣ୍ଡା ପହଞ୍ଚି ଥିଲେ। ଅନ୍ୟମାନଙ୍କ ସମ୍ପର୍କରେ ତାଙ୍କୁ ପଚାରିବାରୁ କର୍ମଚାରୀମାନେ ପଞ୍ଚାୟତ ବୈଠକରେ ଯୋଗଦେବାକୁ ଯାଇଛନ୍ତି ବୋଲି କହିଥିଲେ। ଏ ସମ୍ପର୍କରେ ବ୍ଲକ ହେଡକ୍ୱାର୍ଟର ରସୁଲପୁର ପଞ୍ଚାୟତ ସରପଞ୍ଚ(କୃଷି କାର୍ଯ୍ୟାଳୟ ପରିସରରେ ପଂଚାୟତ କାର୍ଯ୍ୟାଳୟ ଅବସ୍ଥିତ) ସୁରେନ୍ଦ୍ର ତିଆଡିଙ୍କୁ ପଚାରିବାରୁ କୌଣସି କୃଷି ଓ ଉଦ୍ୟାନ କୃଷି ଅଧିକାରୀ ତାଙ୍କ ୮ମାସ କାର୍ଯ୍ୟକାଳ ଭିତରେ ଗୋଟିଏ ସୋମବାରରେ ବି ତାଙ୍କ ପଞ୍ଚାୟତକୁ ଆସିନାହାଁନ୍ତି। ଏଥିପାଇଁ ବିଭାଗୀୟ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ସବୁ ସରକାରୀ ନିର୍ଦ୍ଦେଶନାମା କେବଳ କାଗଜ କଲମରେ ଚାଲିଛି ବୋଲି କହିଥିଲେ। ଏଥିସହ ବାରବାଟୀ ସରପଞ୍ଚ ଆୟୁଷମତୀ ଦାସଙ୍କୁ ପଚାରିବାରୁ ସେ ସେଭଳି କିଛି ନିୟମ ଅଛି ବୋଲି ଜାଣି ନାହାଁନ୍ତି କି ତାଙ୍କ ପଞ୍ଚାୟତକୁ କୌଣସି ଅଧିକାରୀ କେବେ ବି କୌଣସି ଗୋଟିଏ ହେଲେ ସୋମବାର ଆସିନାହାଁନ୍ତି। ଏହି ନିୟମ ସମ୍ପର୍କରେ ବ୍ଲକରୁ ତାଙ୍କୁ କୌଣସି ସୂଚନା ଦିଆଯାଇ ନାହିଁ ବୋଲି କହିଛନ୍ତି। ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତଙ୍କୁ ପଚାରିବାରୁ ମାସକରେ ଥରେ ପଞ୍ଚାୟତ ବୈଠକ ବସୁଛି। ଏହି ବୈଠକ ସମ୍ପର୍କରେ ବିଭାଗକୁ ଅବଗତ କରାଯାଉଛି। ଏହାରି ଭିତରେ ୮ମ ବୈଠକ ଅନୁଷ୍ଠିତ ହୋଇ ସାରିଲାଣି। ୪ରୁ ଉର୍ଦ୍ଧ୍ୱ ଗ୍ରାମସଭା ଆୟୋଜନ ହୋଇସାରିଛି। କୌଣସି ଗୋଟିଏ ହେଲେ ବୈଠକ ଓ ସଭାରେ କୃଷି ବିଭାଗର ଜଣେ ହେଲେ କର୍ମଚାରୀ/ଅଧିକାରୀ ଆସି ଯୋଗ ଦେଇନାହାଁନ୍ତି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଓ ସରପଞ୍ଚମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ସରପଞ୍ଚମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି କି ପ୍ରତି ପଞ୍ଚାୟତ ବୈଠକରେ ଲାଇନ ଡିପାର୍ଟମେଣ୍ଟର ପ୍ରତିନିଧିମାନେ ଯୋଗଦେବେ। ସେହି ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରାଯିବ। ଏହି ଯୋଜନାକୁ କାର୍ଯ୍ୟକାରୀ ହେବାରେ କି ଅସୁବିଧା ରହୁଛି ଓ କେଉଁ କାରଣରୁ ଯୋଗ୍ୟ ହିତାଧିକାରୀମାନେ ବଞ୍ଚିତ ହେଉଛନ୍ତି ତାର ସମାଧାନ କରିବାର ବାଟ ବାହାରିବ। ପ୍ରତି ସୋମବାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତି ରହି ସମସ୍ୟାର ସମାଧାନ କରିବେ ବୋଲି ନିୟମ ହୋଇଛି। ହେଲେ ତାହା ଆଦୌ କାର୍ଯ୍ୟକାରୀ ହେଉନାହିଁ। ଏହିକ୍ରମରେ ଦେଖିବାକୁ ଗଲେ ବ୍ଲକ କୃଷି କାର୍ଯ୍ୟାଳୟରେ ୪ଜଣ ଗ୍ରାମ କୃଷି କର୍ମଚାରୀ, ୨ଜଣ ଏଟିଏମ, ୧ଜଣ ବିଟିଏମ, ଜଣେ କୃଷି ଓଭରସିୟର, ଜଣେ କୃଷି ଅଧିକାରୀ, ଜଣେ ପିଅନଙ୍କୁ ମିଶାଇ ମୋଟ ୧୦ଜଣଙ୍କ ମଧ୍ୟରୁ ଆଜି ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଛାଡିଦେଲେ ଅନ୍ୟ କେହି ଉପସ୍ଥିତ ନ ଥିଲେ। ଗ୍ରାମ୍ୟ କୃଷି କର୍ମଚାରୀଙ୍କ ମଧ୍ୟରୁ ଜଣେ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ହେଲେ ସେ ପଞ୍ଚାୟତ ବୈଠକକୁ ନ ଯାଇ କାହିଁକି ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହିଥିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟମାନେ ବୈଠକରେ ଯୋଗଦେବାକୁ ବାହାନା କରି ପଞ୍ଚାୟତକୁ ଯାଇ ନ ଥିଲେ। ସେମାନେ କୁଆଡେ ଯାଇଥିଲେ ସେ ସମ୍ପର୍କରେ ତଦନ୍ତ କଲେ ସତ ଜଣାପଡିବ ବୋଲି କାର୍ଯ୍ୟାଳୟକୁ କର୍ମଚାରୀମାନଙ୍କୁ ନ ପାଇ ଫେରିଥିବା ଚାଷୀ ଶରତ ଜେନା ଦାବି କରିଛନ୍ତି। ଏ ନେଇ କୃଷି ଅଧିକାରୀ ମିଶ୍ରଙ୍କୁ ପଚାରିବାରୁ କର୍ମଚାରୀମାନେ ପଞ୍ଚାୟତ ବୈଠକକୁ ଯାଉଛନ୍ତି ବୋଲି ଫଟୋ ପଠାଉଛନ୍ତି। ଯଦି କର୍ମଚାରୀମାନେ ଠିକ୍ ଭାବେ କାର୍ଯ୍ୟଭାର ତୁଲାଉ ନାହାଁନ୍ତି, ସରପଞ୍ଚମାନେ ଲିଖିତ ଭାବେ କାର୍ଯ୍ୟାଳୟକୁ ଜଣାଇଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ପଞ୍ଚାୟତ ବୈଠକରେ ଯୋଗଦେବା ଆଳରେ ଅଫିସ କର୍ମଚାରୀ ଶୂନ୍ୟ**




# ୧ମାସ ହେବ ବିଦ୍ୟୁତ୍ ସଂଯୋଗ ନାହିଁ



କାଳିଆପାଣି ବିଦ୍ୟୁତ୍ ଅଫିସ୍ ସମ୍ମୁଖରେ ଏକତ୍ରିତ ହୋଇଥିବା ଉପଭୋକ୍ତା।

**କାଳିଆପାଣି,୨।୧(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କଲରଙ୍ଗୀ ଗ୍ରାମ ରେ ୧ ମାସରୁ ଉର୍ଦ୍ଧ୍ୱ ହେବ ବିଦ୍ୟୁତ୍ ସଂଯୋଗକୁ କାଟି ଦିଆଯାଇଛି। ଗ୍ରାମବାସୀ ରାତିରେ ଡିବିରି ଆଲୁଅରେ ଚଳୁଛନ୍ତି। ଏହାକୁ ନେଇ ସୋମବାର ଶତାଧିକ ବିଦ୍ୟୁତ୍ ଉପଭୋକ୍ତା କାଳିଆପାଣିସ୍ଥିତ ଟାଟା ପାୱାର କାର୍ଯ୍ୟାଳୟରେ ଏକତ୍ରିତ ହୋଇ ଏକ ସପ୍ତାହ ମଧ୍ୟରେ ବିଦ୍ୟୁତ୍ ସଂଯୋଗ କରିବା ଲାଗି ଦାବି କରିଛନ୍ତି। ଏହି ଦାବି ପୂରଣ ନ ହେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇ ପାଇଁ ଚେତାବନୀ ଦେଇଛନ୍ତି।

**ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ**

ସୂଚନା ଅନୁଯାୟୀ କାଳିଆପାଣି ଟାଟା ପାୱାର ଗ୍ରୀଡ୍ ଅଧୀନରେ କଲରଙ୍ଗୀ ଗ୍ରାମ ର ୧ଶହରୁ ଉର୍ଦ୍ଧ୍ୱ ପରିବାର ଉପଭୋକ୍ତା ଅଛନ୍ତି। ତେବେ ୧ ମାସ ପୂର୍ବରୁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରୁଥିବା ଟ୍ରାନ୍ସଫରମରରୁ କେହି ଦୁର୍ବୃତ୍ତ କିଛି ଯନ୍ତ୍ରାଂଶ ଚୋରିକରି ନେଇଯାଇଥିଲେ। ସେଦିନଠାରୁ ଗ୍ରାମବାସୀ ରାତିରେ ଅନ୍ଧାରରେ ରହୁଛନ୍ତି। ଘରେ କେବଳ ସେମାନେ ଡିବିରି ଆଲୁଅରେ କାମ କରୁଛନ୍ତି। ଛାତ୍ରୀଛାତ୍ରମାନେ ସେହି ଡିବିର ଆଲୁଆରେ ପାଠ ପଢୁଛନ୍ତି। ହେଲେ ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କିଛି ଶୁଣୁ ନାହାନ୍ତି। ଏପରି କି ଟାଟା ପାୱାର ଅଧିକାରୀଙ୍କ ସହ ଗ୍ରାମବାସୀ ଆଲୋଚନା କରି ସମସ୍ତ ଉପଭୋକ୍ତାଙ୍କ ବକେୟା ବିଦ୍ୟୁତ୍ ବିଲ ପଇଠ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ବିଦ୍ୟୁତ ସଂଯୋଗ ହୋଇନାହିଁ। ଏ ସଂକ୍ରାନ୍ତରେ ଗ୍ରାମବାସୀ କାଳିଆପାଣି ଥାନାକୁ ଲିଖିତ ଭାବେ ଅବଗତ କରିଛନ୍ତି। ଏନେଇ ଏସ୍‌ଡିଓ ବବୁଲ ମହାରଣାଙ୍କ ସହ ଯୋଗାଯୋଗ କରାଯାଇଥିଲା। ସମ୍ପୃକ୍ତ ଅଞ୍ଚଳକୁ ଆମେ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ଦେବାକୁ ଉଦ୍ୟମ ଜାରି ରଖିଛୁ ବୋଲି କହିଛନ୍ତି।

## ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ

**ସିଂହପୁର,୨।୧(ଡି.ଏନ.ଏ.)**

ବିଂଝାରପୁର ବ୍ଲକ ଅଧୀନ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ସତ୍ୟବ୍ରତ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ପ୍ରଫେସର ସୁବୋଧ କୁମାର ନାୟକ ଯୋଗ ଦେଇ ଶିବିର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀମାନଙ୍କୁ ଅତିଥି ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଶିବିରରେ ୨୫ ଛାତ୍ରୀ,୨୫ ଛାତ୍ର ଯୋଗ ଦେଇ ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା, ପ୍ରଦୂଷଣମାତ୍ର କମାଇବା, ଚାରା ରୋପଣ, କରୋନା ସଚେତନତା, ନିଶା ନିବାରଣ ଆଦି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସମ୍ପୃକ୍ତ ବିଭାଗର ଯୋଜନା ଅଧିକାରୀ ଅଧାପକ ପଦ୍ମନାଭ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତର୍ଜାତିକ ଶୋଭନୀୟ ଉତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

**ଚଣ୍ଡିଖୋଲ,୨।୧(ଡି.ଏନ.ଏ.)**

ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିଠାରେ ଥିବା ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଆନ୍ତର୍ଜାତିକ ଶୋଭନୀୟ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ.ଅରୁନ୍ଧତୀ ଦେବୀଙ୍କ ଅଧକ୍ଷତାରେ ଦୁଇ ଦିନ ବ୍ୟାପୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପିନୀ ଉତ୍ସବରେ ପ୍ରଫେସର କାଳୀକିଙ୍କର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୋଭନୀୟ ଆନ୍ଦୋଳନ ଯୋଗୁ ସମାଜରେ କୁସଂସ୍କାର ଲୋପ ପାଉଛି। ଏହି ଆନ୍ଦୋଳନ ଆଗାମୀ ଦିନରେ ସାରା ବିଶ୍ୱକୁ ଏକତ୍ରୀତ କରିବାରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ବୀରେନ ମିଶ୍ର, ନିରାକାର ବେହୁରା, ଅଧାପିକା ଜ୍ୟୋତିର୍ମୟୀ, ପଣ୍ଡିତ ପ୍ରଭାତ କୁମାର କର, ରୋଟାରିଆନ ଆଲୋକ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିନେଇ ଶୋଭନୀୟତା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଡ.ବନଲତା ଦେବୀ, ବିଦ୍ୟୁତ୍‌ପ୍ରଭା ମିଶ୍ର, ଗୁରୁମା ବରଦା ମହାନ୍ତି, ଗୀତାଞ୍ଜଳି ସ୍ୱାଇଁ, ମନୋରମା ଦେବୀ, ମମତା ପ୍ରଧାନ, ଶିଳ୍ପୀ ଅଶୋକ, ସନ୍ଦିପ ପାଣି, ଅଧାପକ ଇନ୍ଦ୍ରମଣି ନାୟକ, ରମାକାନ୍ତ ମଣ୍ଡଳ, ଇଂ ଦୟାନିଧି ରାଉତ, ପ୍ରେମାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। କଟକ, ରାଉରକେଲା, କୋଣାର୍କ, ଭୁବନେଶ୍ୱର, କରଞ୍ଜିଆ ଓ ଅନୁଗୋଳ ଆଦି ଶୋଭନୀୟ ଶିକ୍ଷାଶ୍ରମର ପ୍ରତିନିଧିଗଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଚଳିତ ବର୍ଷ ଓଏଏସ ପାଇଥିବା କୃତୀ ହିମାଦ୍ରି ସାମଲଙ୍କୁ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆନ୍ଦୋଳନର ବରିଷ୍ଠ ସଭ୍ୟା ମିନତୀ ଦେବୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମା'ଶାରଦା ଦେବୀ ଆଶୀର୍ବାଦ ପ୍ରଦାନ କରିଥିଲେ।

## ବାପୁଜୀ ଉଚ୍ଚ ବିଦ୍ୟାପୀଠରେ ୯୭ ବ୍ୟାଚ୍‌ର ବନ୍ଧୁ ମିଳନ



**ପାଣିକୋଇଲି,୨।୧(ଡି.ଏନ.ଏ.)**

କୋରାଇ ବ୍ଲକ କରଦା ବାପୁଜୀ ଉଚ୍ଚ ବିଦ୍ୟାପୀଠରେ ୯୭ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଜନାର୍ଦ୍ଦନ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୁରୁଣାସ୍ମୃତିକୁ ମନେପକାଇ ପୁରାତନ ଛାତ୍ରୀଛାତ୍ର ଭାବବିହ୍ୱଳ ହୋଇଥିଲେ। ଯୁବ କବି କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ଗଳ୍ପ 'ବନ୍ଧୁ' ସମସ୍ତଙ୍କୁ ବିମୋହିତ କରିଥିଲା। ମଦନ ମୋହନ ସେନାପତି, ଭଗବାନ ପୃଷ୍ଟି, ଚିନ୍ତାମଣି ସାହୁ, ହରେକୃଷ୍ଣ ସାହୁ, ଦୀପକ ଦାସ, ହେମନ୍ତ ଜେନା, ସୁଧାଶଙ୍କର ବିଶ୍ୱାଳ, ଶ୍ରୀନିବାସ ସାହୁ, ମୋହନ ଚରଣ ସାହୁ,କୈଳାସ ସାହୁ, ଗଦାଧର ସେନାପତି, ମାଧବ ସେନାପତି, ଶ୍ୟାମ ସୁନ୍ଦର ସେନାପତି, ଦେବେନ୍ଦ୍ର ସେନାପତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# କ୍ଷେତ୍ରପାଳ କ୍ରିକେଟ ଦଳ ଚାମ୍ପିୟନ

**ରସୁଲପୁର,୨।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ନିକଟସ୍ଥ ଖେଳ ପଡିଆରେ ବାଟ ମହାବୀର କ୍ରିକେଟ ଟୁର୍ନାମେଣ୍ଟ ସୋମବାର ସନ୍ଧ୍ୟାରେ ଉଦ୍‌ଯାପତି ହୋଇଯାଇଛି। ଏଠାରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଘରୋଇ ଦଳକୁ ପରାସ୍ତ କରି କ୍ଷେତ୍ରପାଳ କ୍ରିକେଟ ଦଳ ଚାମ୍ପିୟନ ହୋଇଛି। କ୍ଷେତ୍ରପାଳ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ଓଭରରୁ ଦଳ ୮ ଉଇକେଟ ବିନିମୟରେ ଦଳ ୧୨୨ରନ ସଂଗ୍ରହ କରିଥିଲା। ୧୨୩ରନ ବିଜୟ ଲକ୍ଷ୍ୟ ନେଇ ଘରୋଇ ଦଳ ଭୋଟକା ବ୍ୟାଟିଂ କରିବାକୁ ପଡିଆକୁ ଓହ୍ଲାଇଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଘରୋଇ ଦଳ ହତାଶ ହୋଇଥିଲା। ଦଳ ପକ୍ଷରୁ ସୁବାସ ସାହୁଙ୍କ ବ୍ୟକ୍ତିଗତ ସର୍ବାଧିକ ୩୬ରନ୍ ଦଳକୁ ଜିତାବାକୁ ସକ୍ଷମ ହୋଇ ପାରି ନ ଥିଲେ। କ୍ଷେତ୍ରପାଳ ଦଳର ବୋଲର ଜଗା ଖୁଣ୍ଟିଆଙ୍କ ହାଟ୍ରିକ ଉଇକେଟ ବଳରେ ଦଳ କ୍ଷେତ୍ରାପାଳ ଦଳ ଚାମ୍ପିୟନ ହୋଇପାରିଛି। ଖୁଣ୍ଟିଆଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ସମ୍ମାନିତ ଅତିଥି ଖବରଦାତା ରଞ୍ଜିତ ରାଉତ ଯୋଗଦେଇ ଉଭୟ ରନର୍ସଅପ ଓ ଚାମ୍ପିୟନ ଦଳର ଖେଳାଳୀମାନଙ୍କୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ଯଶୋବନ୍ତ ଦାସ, ମଧୁସୂଦନ ସାହୁ ଓ ଅଫିସିଆଲ ଭାବେ ସୌମ୍ୟରଞ୍ଜନ ପୃଷ୍ଟି, ରାମଚନ୍ଦ୍ର ଭଦ୍ର, ପ୍ରତାପ ଦାସ, ପ୍ରତାପ କୁମାର ବେହେରା ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ। ଆୟୋଜକଙ୍କ ପକ୍ଷରୁ କୁନି ସ୍ୱେଚ୍ଛାସେବୀ ବିଶ୍ୱଜିତ୍ ଭଦ୍ର, କୁନା ସାହୁ, ଗଣେଶ ବେହେରାଙ୍କୁ ଅତିଥିମାନେ ପଦକ ପିନ୍ଧାଇ ସମ୍ମାନିତ କରିଥିଲେ।

**ବାଟ ମହାବୀର କ୍ରିକେଟ ଟୁର୍ନାମେଣ୍ଟ**

# ଜାତୀୟ ସେବା ଶିବିର ଉଦ୍‌ଯାପିତ



ଜାତୀୟ ସେବା ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର।

**ଚଣ୍ଡିଖୋଲ,୨।୧(ଡି.ଏନ.ଏ)**

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ତରଫରୁ ଆୟୋଜିତ ସପ୍ତାହ ବ୍ୟାପୀ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାୟର ଅଧକ୍ଷ ଡ. ମନୋଜ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଏହି ଶିବିରରେ ବିଭିନ୍ନ ଦିବସରେ ଅତିଥିମାନେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ ଓ ନୀତି ଶିକ୍ଷା ପ୍ରଦାନ କରିଥିଲେ। କେନ୍ଦ୍ର ଯୁବବ୍ୟାପାର ଅଧିକାରୀ ନକୁଳ ଚନ୍ଦ୍ର ଦେହୁରୀ, ଜାତୀୟ ସେବା ଯୋଜନା ଉତ୍କଳ ବିଶ୍ୱ ବିଦ୍ୟାଳୟ ସଂଯୋଜକ ବ୍ରଜ ନାରାୟଣ ପାତ୍ର, ଯୁବସାମାଜିକ କର୍ମୀ ମଧୁସୁଦନ ଦାସ, ଆଡ଼ଭୋକେଟ୍ ଦେବରାଜ ବେହେରା, ଓଡ଼ିଶା ଦି ଏଲ ଏଫ୍‌ର ମୁଖ୍ୟ ରାକେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ବିଭିନ୍ନ ଦିଗ ଉପରେ ଆଲୋପାତ କରିଥିଲେ। ଉଦ୍‌ଯାପିନୀ ଉତ୍ସବରେ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ବିନାୟକ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଅଧାପକ ସଲୀଳ ରାଜନନ୍ଦନ ମହାନ୍ତି ଓ ଅମ୍ବିକା ପ୍ରସାଦ ମିଶ୍ର ଶିବିର ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବକ୍ତୃତା, ସଂଗୀତ, ନୃତ୍ୟ ଓ ଏକକ ଅଭିନୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା କରୋନା ସଚେତନା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।

## ପଣ୍ଡୁଲା,ଆଲଡା ଟିମ୍ ବିଜୟୀ
### ଗୋପୀନାଥ ଜୀଉ କ୍ରିକେଟ

**ପାଣିକୋଇଲି,୨।୧(ଡି.ଏନ.ଏ.)**

ପଥରପଦା ପଞ୍ଚାୟତ ଓଚିନ୍ଦା ଗ୍ରାମରେ ଚାଲିଥିବା ୨୮ତମ ଗୋପୀନାଥ ଜୀଉ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଦିବସରେ ପଣ୍ଡୁଲା ଓ ଅଲଡା ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଚାନ୍ଦପୁର ବନାମ ପଣ୍ଡୁଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାନ୍ଦପୁର ପ୍ରଥମେ ଟସ ଜିଣି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ପଣ୍ଡୁଲା ୯ ଓଭରରେ ୮ ଉଇକେଟ ହରାଇ ୧୧୨ ରନ କରି ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚ ଆଲଡା ବନାମ ଓଚିନ୍ଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଓଚିନ୍ଦା ଟସ୍ ଜିଣି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୯୫ ରନ କରିଥିଲା। ଜବାବ୍‌ରେ ଆଲଡା ୧୦ ଓଭରରେ ୨ ଉଇକେଟ ହରାଇ ୯୭ରନ କରି ବିଜୟ ଲାଭ କରିଥିଲା। ଉଭୟ ମ୍ୟାଚ୍‌କୁ ରଶ୍ମୀରଞ୍ଜନ ଭାରତୀ, ରଞ୍ଜନ ଖୁଣ୍ଟିଆ, ମନୋଜ ଭାରତୀ ଓ ରଜତ ବେହେରା ପରିଚାଳନା କରିଥିଲେ।

# ରସୁଲପୁର ବ୍ଲକ୍‌କୁ ଅଗ୍ରଣୀ କରିବା ପାଇଁ ଗୁରୁତ୍ୱ

**ସମୀକ୍ଷା ବୈଠକରେ ବିଭାଗୀୟ ଅଧିକାରୀଙ୍କ ପରାମର୍ଶ**

**ରସୁଲପୁର,୨।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତଙ୍କ ପୌରୋହିତ୍ୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକକୁ ଯାଜପୁର ଜିଲାରେ ଅଗ୍ରଣୀ ବ୍ଲକ ଭାବେ ପରିଗଣିତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଅବସରରେ ବ୍ଲକ ଉନ୍ନୟନ ଅଧିକାରୀ ଅବନୀକାନ୍ତ ସାହୁଙ୍କ ନେତୃତ୍ୱରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ ଜେନା, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ବିବେକାନନ୍ଦ ସାମଲଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ବ୍ଲକ ଉନ୍ନୟନ କାର୍ଯ୍ୟକୁ ତ୍ୱରିତ ଭାବେ ସମ୍ପାଦାନ କରିବା ସବୁ କର୍ମଚାରୀ ଏକତ୍ରିତ ହୋଇ କାମ କରିବାକୁ ଉକ୍ତ ବୈଠକରେ ପରାମର୍ଶ ଦିଆଯାଇଛି। ୫-ଟିକୁ କର୍ମଚାରୀମାନେ ଗୁରୁତ୍ୱ ଦିଅନ୍ତୁ। କୌଣସି ଅଧିକାରୀ କାମ ସମ୍ପନ୍ନ କରିବାରେ ବିଳମ୍ବ କଲେ ଆଦୌ ବରଦାସ୍ତ କରାଯିବ ନାହିଁ। ସବୁ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ବିଭିନ୍ନ ସ୍ଥାନରୁ ଆସୁଥିବା ଅଭିଯୋଗକୁ ତୁରନ୍ତ ଅନୁଧ୍ୟାନକରି ଯୋଗ୍ୟ ହିତାଧିକାରୀମାନଙ୍କୁ ନ୍ୟାୟ ଦେବାକୁ କୁହାଯାଇଛି। ୨୦୨୩ ବର୍ଷକୁ ବ୍ଲକର ସଫଳତା ବର୍ଷ ହେବା ଦିଗରେ ସବୁ କର୍ମଚାରୀଙ୍କ ସହଯୋଗ କାମନା କରାଯାଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ ଉନ୍ନୟନ କାର୍ଯ୍ୟକୁ ତଦାରଖ କରୁଥିବା ଯନ୍ତ୍ରୀମାନଙ୍କୁ ସେମାନଙ୍କ କାର୍ଯ୍ୟ ସୂଚାରୁରୂପେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ, ଗ୍ରାମ ରୋଜଗାର ସେବିକାସେବକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ସମୀକ୍ଷା ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି।

### ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

ନାଉଗାଁ,(ସ୍ୱ.ପ୍ର): ନାଉଗାଁ ଥାନା ଅନ୍ତର୍ଗତ ରୋହିଆ ପଞ୍ଚାୟତ ଚକୁଳିଠାରେ ରବିବାର ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଳିପିଙ୍ଗଳ ଅଞ୍ଚଳର ରାହାଙ୍ଗ ପାଟଣା ଗ୍ରାମର ସନ୍ତୋଷ ଦାସ। ସେ କୌଣସି କାର୍ଯ୍ୟରେ ଅରଖକୁଦ ଆସି ଘରକୁ ଫେରୁଥିଲେ। ଚକୁଳି ନିକଟରେ ଦୁର୍ଘଟଣା ହେବା ପରେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷେ ବାଲି ବୋଝେଇ ଟ୍ରାକ୍ଟରକୁ ପୋଲିସ ଜବତ କରିଛି।

## ସଂକ୍ଷେପରେ

### ବାପାଙ୍କୁ ମାଡ଼ ମାରି ଜେଲଗଲେ ପୁଅ

ବାଲିକୁଦା,୨।୧(ସ୍ୱ.ପ୍ର.): ବାପାଙ୍କୁ ମାଡ଼ ମାରି ଆହତ କରିବା ଅଭିଯୋଗରେ ଅଭିଯୁକ୍ତ ପୁଅଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିକୁଦା ଥାନା ମାଛଗାଁ ପଞ୍ଚାୟତ ଅନ୍ତର୍ଗତ ସୁକିଦା ଗାଁର ରୋହିତ ପରିଡ଼ା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବାପା ଯୁଧିଷ୍ଠିରଙ୍କ ଅଭିଯୋଗ ଅନୁଯାୟୀ, ରୋହିତ ଅଧିକାଂଶ ସମୟରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ପରିବାରରେ ଝଗଡ଼ା କରିଥାନ୍ତି। ୨ ଦିନ ତଳେ ସେ ଘରେ ବାପାଙ୍କ ସହ ଯୁକ୍ତିତର୍କ କରିବା ସହ ଏକ ଠେଙ୍ଗାରେ ମାଡ଼ ମାରିଥିଲେ। ଫଳରେ ଯୁଧିଷ୍ଠିରଙ୍କ ବାମ ହାତ ଭାଙ୍ଗି ଯାଇଥିଲା। ଏନେଇ ବାପା ବାଲିକୁଦା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୧/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଶିଶୁ ପ୍ରତିଭା ସମ୍ମାନ

ବିରିଡି,୨।୧(ଡି.ଏନ.ଏ.): ବିରିଡି ବ୍ଲକ ଅନ୍ତର୍ଗତ ମଙ୍ଗୁଳି ଦାନ ଉପରସାହି ଗ୍ରାମର ଇଷ୍ଟ ଦେବୀ ମା'ବରୁଣେଇ ପୂଜା କମିଟି ଆନୁକୂଲ୍ୟରେ ରବିବାର ମା'ବରୁଣେଇଙ୍କ ଷୋଡ଼ଶ ଉପଚାର ପୂଜା ଓ ଶିଶୁ ପ୍ରତିଭା ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଶିଶୁ କଳାକାର ଯୋଗ ଦେଇ ସେମାନଙ୍କର ନୃତ୍ୟ ପରିବେଷଣ କରିଥିଲେ। ଗ୍ରାମର ମନୋଜ କୁମାର ସାହୁ, ନାରାୟଣ ରଥ, ଜ୍ୟୋତିରଞ୍ଜନ ସାହୁ, ଦେବାଶିଷ ସାହୁ, ଅଶୋକ ସାହୁ, ରବୀନ୍ଦ୍ର ନାଥ, ହେମେନ୍ଦ୍ର ନାଥ, ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପତିତପାବନ ଜେନାଙ୍କ ଉଦ୍ୟମରେ ନୃତ୍ୟଗୁରୁ ନିତ୍ୟାନନ୍ଦ ମହାରଣା ଛୋଟ କଳକାରମାନଙ୍କୁ ଶିକ୍ଷା ଦେଇଥିଲେ। ଶେଷରେ ସରପଞ୍ଚ ନିରଞ୍ଜନ ସେଠୀ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ମଙ୍ଗୁଳି କୃଷି ସମବାୟ ସମିତିର ସଭାପତି ରବୀନ୍ଦ୍ରନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ନୃତ୍ୟ ପରିବେଷଣ କରିଥିବା କୁନି କୁନି ପିଲାମାନଙ୍କୁ ଶିଶୁ ପ୍ରତିଭା ସମ୍ମାନ ପ୍ରଦାନ କରିଥିଲେ।

### ବିଜେଡିର ସାଙ୍ଗଠନିକ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ

ବିରିଡି,୨।୧(ଡି.ଏନ୍.ଏ.) : ବିରିଡି ବ୍ଲକ ଉକୁନ୍ଦରା ପଞ୍ଚାୟତ ଅନ୍ତର୍ଗତ ମା'ରାମଚଣ୍ଡି ମନ୍ଦିର ପ୍ରାଙ୍ଗଣରେବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡିର ବରିଷ୍ଠ ନେତା ସଂଗ୍ରାମ ସେନାପତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାମାଜିକ କର୍ମୀ କଲ୍ୟାଣ କୁମାର ବାରିକ ଓ ତାପସ ଜେନାଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ୨୦୨୩ ବର୍ଷରେ ପଞ୍ଚାୟତରେ କିପରି ବିଜେଡିର ସାଙ୍ଗଠନିକ ଦକ୍ଷତା ବୃଦ୍ଧି କରାଯିବ ସେସମ୍ପର୍କରେ ଆଲୋଚନା ହୋଇଥିଲା। ପଞ୍ଚାୟତର ଗରିବ ଲୋକଙ୍କୁ ସରକାରଙ୍କ ସୁବିଧା ସୁଯୋଗ ଯୋଗାଇଦେବା ଉପରେ ସ୍ଥିର କରାଯାଇଥିଲା। ବୈଠକରେ ନାରାୟଣ ମହାପାତ୍ର, ରମାକାନ୍ତ ଭୋଇ, ଟିଙ୍କିନା ଭୋଇ, ସୁଦାମ ବେହେରା, ଦିଜବର ପାତ୍ର, ଭୁଜଦେବ ମଲିକ, ଅମୂଲ୍ୟ ବାରିକ, ଗୋପୀନାଥ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଅନିଶ୍ଚିତତାରେ ଚଣ୍ଡିଆପଲ୍ଲୀ-ମହାକାଳପଡ଼ା ଗୋବରୀ ସେତୁ

■ ଅଧାପନ୍ତରିଆ ପ୍ରକଳ୍ପ ଛାଡ଼ିଲେ ଠିକାଦାର
■ ୨ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨ ଥର ଶିଳାନ୍ୟାସ

ମହାକାଳପଡ଼ା, ୨।୧ (ଡି.ଏନ୍.ଏ.)


ବ୍ଲକ କାର୍ଯ୍ୟାଳୟଠାରୁ ୨ ଶହ ମିଟର ଦୂରରେ ନବନିର୍ମିତ ମହାକାଳପଡ଼ା - ଚଣ୍ଡିଆପଲ୍ଲୀ ଅଧାପନ୍ତରିଆ ଗୋବରୀ ନଦୀ ସେତୁ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନିକଟ ଗୋବରୀ ନଦୀ ଉପରେ ସେତୁ ନିର୍ମାଣକୁ ନେଇ ଅନିଶ୍ଚିତତା ଲାଗି ରହିଛି ବୋଲି କୁହାଯାଇଛି। ଏହି ସେତୁ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିଲେ ମଧ ଦାୟିତ୍ୱ ନିର୍ବାହ କରୁଥିବା ଠିକାଦାର (ପଡ଼ିଆରୀ କନ୍ଷ୍ଟ୍ରକଶନ) ସେତୁ ନିର୍ମାଣ ଅଧା କରି ସ୍ଥାନ ଛାଡ଼ି ନିଜର ସରଞ୍ଜାମ ନେଇଯାଇଛି। ଏହି ଚଣ୍ଡିଆପଲ୍ଲୀ-ମହାକାଳପଡ଼ା ଗୋବରୀ ସେତୁହୋଇଥିଲେ ବ୍ଲକ ମୁଖ୍ୟ କାର୍ଯ୍ୟାଳୟରୁ ଦେଉଳିପଡ଼ା, ବିଜୟନଗର, ବଡିଢ଼ି, ଗୋଗୁଆ, ସୁନିତି, ନାଞ୍ଜୁରା, ଜମ୍ବୁ ଓ କେବିଦାଣ୍ଡୁଆ ପଞ୍ଚାୟତର ଶତାଧିକ ଜନସାଧାରଣ ସିଧାସଳଖ ଯାତାୟାତର ବାଟ ଖୋଲିଥାନ୍ତା।

ସୂଚନାଯୋଗ୍ୟ, ଗୋବରୀ ନଦୀ ଉପରେ ୧୯୮୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କିୟାରବାଙ୍କ ହାତଠାରେ ଗୋବରୀ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ପରେ ଗୋବରୀ ନଦୀ ଉପରେ ସେତୁ ନିର୍ମାଣ ହୋଇଥିଲା। ଅଧା ପିଲାର ନିର୍ମାଣ ହୋଇଛି ଓ ଅନିଶ୍ଚିତତା ମଧ୍ୟରେ ଏହା ରହିଛି। ତେବେ ପ୍ରକଳ୍ପ ବନ୍ଦ ହେବା ପରେ ପରବର୍ତ୍ତୀ ସମୟରେ ବିଭାଗ କି ପଦକ୍ଷେପ ଗ୍ରହଣ କରିବେ ସ୍ଥାନୀୟ ଲୋକମାନଙ୍କ ମନରେ ସନ୍ଦେହ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଲୋକମାନଙ୍କ ଯାତାୟାତ ପାଇଁ ଚଣ୍ଡିଆପଲ୍ଲୀ-ମହାକାଳପଡ଼ା ଗୋବରୀ ସେତୁ ନିର୍ମାଣ ନିମନ୍ତେ ୨୦୧୬ ନଭେମ୍ବର ୮ରେ ସ୍ଥାନୀୟ ବାୟାବାବା କଲେଜ ପଡ଼ିଆରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋବରୀ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୨ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେତୁ ନିର୍ମାଣ କାମ ଚାଲିଥିଲା। ଏହି ସେତୁ ନିର୍ମାଣରେ ଗୋବରୀ ନଦୀର ଦୁଇପାର୍ଶ୍ୱରେ ଦୁଇଟି ପିଲର ନିର୍ମାଣ କାମ ସାରି ଦେଇ ୨୦୨୨ ଡିସେମ୍ବର ଶେଷ ସପ୍ତାହରେ ଠିକାଦାର ପଳାୟନ କରିଛନ୍ତି। ସେତୁ ନିର୍ମାଣ ଅଧା ଛାଡ଼ି କାହିଁକି ଠିକାଦାର କାମ ବନ୍ଦ କଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସରୋଜ କୁମାର ନାୟକଙ୍କୁ ପଚାରିବାରେ ଉକ୍ତ ସେତୁ ନିର୍ମାଣ ପାଇଁ ପୁନର୍ବାର ଟେଣ୍ଡର କରାଯିବ ବୋଲି ସେ କହିଛନ୍ତି।


ମା'ବରୁଣେଇ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଶିଶୁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ଶିଶୁ କଳାକାର ଓ ଅନ୍ୟମାନେ।

# ଏଲ୍‌ପିଜି ଘରୋଇ ବିତରଣ ଗାଡ଼ିର ଶୁଭାରମ୍ଭ

### ଓରମାସ୍ ପକ୍ଷରୁ ଶକ୍ତି ଗାଁ ପ୍ରକଳ୍ପ

ଜଗତ୍‌ସିଂହପୁର ଅଫିସ, ୨।୧

ସରକାରଙ୍କ ପକ୍ଷରୁ ବିଭିନ୍ନ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ସେଥିମଧ୍ୟରୁ ଓରମାସ୍ ଦ୍ୱାରା ପରିଚାଳିତ ଶକ୍ତି ଗାଁ ପ୍ରକଳ୍ପ ଅନ୍ୟତମ। ଏହି ପ୍ରକଳ୍ପ ମାଧ୍ୟମରେ ଏଲ୍‌ପିଜି ଗ୍ୟାସ୍ ଘରୋଇ ବିତରଣ ନେଇ ଗାଡିର ଶୁଭ ଉଦ୍‌ଘାଟନ ହୋଇଛି। ମଙ୍ଗଳବାର ଜଗତ୍‌ସିଂହପୁର ପୌର ପରିଷଦ ଅନ୍ତର୍ଗତ ପୁରୋହିତପୁରସ୍ଥିତ ଶକ୍ତି ଗାଁ ପ୍ରକଳ୍ପ ଏଲ୍‌ପିଜି ଗୋଦାମ ପରିସରରେ ଜିଲାପାଳ ପାରୁଲ ପଟୱାରି ଏହି ଗାଡିର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦର ବିଭିନ୍ନ ଅଧିକାରୀ ଯଥା ସତ୍ୟ ଶିବରାମ ପାଇଟାଳ, ଆଶିଷ କୁମାର ରାଉଳ, ପ୍ରଜ୍ଞା ପ୍ରିୟଦର୍ଶିନୀ କର, ପ୍ରଭାତ କୁମାର ଦାସ ଓ ଦୀପ୍ତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂଆ ଗ୍ରାହକ ଭାବେ ପଞ୍ଜୀକୃତ ୧୨ଜଣଙ୍କୁ ଚୁଲା ଓ ଏଲ୍‌ପିଜି ସିଲିଣ୍ଡର ବଣ୍ଟାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ଗାଁ ପ୍ରକଳ୍ପ ଓରମାସ୍ ଓ ମିଶନ ଶକ୍ତି ସହ ଜଡ଼ିତ ଜିଲାର ୧୪ ଏସ୍‌ଏଚ୍‌ଜି (ସ୍ୱୟଂ ସହାୟକ ଗୋଷ୍ଠି)ର ସଭ୍ୟମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଓରମାସ୍ ଓ ମିଶନ ଶକ୍ତି ଅଧୀନରେ ଥିବା ୧୫ ଏସ୍‌ଏଚ୍‌ଜି ସମେତ ୨୦ ହଜାରରୁ ଅଧିକ ଗ୍ରାହକ ସିଧାସଳଖ ଉପକୃତ ହୋଇପାରିବେ। ଅର୍ଥାତ୍ ଏଲ୍‌ପିଜି ସିଲିଣ୍ଡର ସେମାନଙ୍କ ଘର ପାଖରେ ପହଞ୍ଚି ପାରିବ ବୋଲି ସୂଚନା ମିଳିଛି।

# ଭାଜପା ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ ଦାବି


ଭାଜପାକର୍ମୀମାନେ ପୋଲିସ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

### ତାରିଣୀଗଡ଼ା ଗୁଳିମାଡ଼ ଘଟଣା

■୨୪ ଘଣ୍ଟା ପରେ ବି କାରଣ ଅସ୍ପଷ୍ଟ

ପାରାଦୀପ,୨।୧(ସ୍ୱ.ପ୍ର.)

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ତାରିଣୀଗଡାଠାରେ ଥିବା ଏକ ଠିକା ସଂସ୍ଥାର ଅତିଥି ଭବନରେ ରବିବାର ଦୁଇ ରାଉଣ୍ଡ ଗୁଳିମାଡ଼ ହୋଇଥିଲା। ଏହି ଘଟଣାରେ ପୋଲିସ ମାମଲା (ନଂ.୨/୨୨) ରୁଜୁ କରିଥିଲେ ମଧ ୨୪ ଘଣ୍ଟା ପରେ ବି ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୂଚନା ପାଇନାହିଁ। ଅପରପକ୍ଷେ ଏହି ଘଟଣାକୁ ନେଇ ସୋମବାର ସନ୍ଧ୍ୟାରେ ଭାଜପା ପାରାଦୀପ ମଣ୍ଡଳ ପକ୍ଷରୁ ଏକ ଦାବିପତ୍ର ଆଦର୍ଶ ଥାନାରେ ଦିଆଯାଇଛି। ଏଥିରେ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଦର୍ଶାଇଛନ୍ତି ଯେ, ପାରାଦୀପରେ ଏମିତି ଅନେକ ଆପରାଧିକ ଘଟଣା ଘଟୁଛି। ତୈଳ ବିଶୋଧନାଗାର ନିର୍ମାଣ ସମୟରେ ମଧ ଏଭଳି ହେଉଥିଲା। ଏବେ ଏନ୍‌ଆର୍‌ଏଲ ନିର୍ମାଣ ହେବା ପୂର୍ବରୁ ସମାନ ଘଟଣା ଘଟିଲାଣି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦଳର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏହାର ନକଲ ଗୃହ ବିଭାଗ ଓ ଜଗତ୍‌ସିଂହପୁର ଏସ୍‌ପିଙ୍କୁ ଦିଆଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ସବ୍ୟସାଚୀ ରାଉତ କହିଛନ୍ତି, ଉକ୍ତ ଘଟଣାର ତଦନ୍ତ ଚାଲିଛି। ଏନେଇ ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି।

## 'ଭଗବତ ଚିନ୍ତା ମାଧ୍ୟମରେ ସୁସ୍ଥ ସମାଜ ଗଠନ ହୋଇପାରିବ'

କେନ୍ଦ୍ରାପଡ଼ା ଅଫିସ,୨।୧

କେନ୍ଦ୍ରାପଡ଼ା ସହର ଉପକଣ୍ଠ ସାନ୍ତସାହି ସ୍ଥିତ ମା' ବିଳାଶୁଣୀଙ୍କ ମନ୍ଦିର ବେଢ଼ାରେ ସହର ଭକ୍ତ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଠାକୁର ଶ୍ରୀଅଭିରାମ ପରମହଂସ ଦେବଙ୍କ ୨୩ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। କରମଳାସ୍ଥିତ ଶାନ୍ତି ଆନନ୍ଦ ଆଶ୍ରମର ସନ୍ନ୍ୟାସୀ ଭୀମସେନ ଦାସଙ୍କ ପୌରୋହିତ୍ୟରେ ବରିଷ୍ଠ ସନ୍ନ୍ୟାସୀ ହରିଶଙ୍କର ଦାସ ଯୋଗଦେଇ ନିଜର ଆଶ୍ରିବଚନ ମାଧ୍ୟମରେ ଭଗବତ ଚେତନା ଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ଠାକୁର ଶ୍ରୀଅଭିରାମ ପରମହଂସଙ୍କ ଲିଖିତ ସନାତନ ଧର୍ମାର୍ଥ ଗୀତା ଓ କୋଇଲି ଶିକ୍ଷାକୁ ଉଦ୍ଧୃତ କରି ମାନବବାଦ ଉପରେ ଶ୍ରୀଠାକୁରଙ୍କ ମହତ ଉପଦେଶ ଉପରେ ବାବା ହରିଶଙ୍କର ନିଜର ଆଶ୍ରିବଚନ ପ୍ରଦାନ କରିଥିଲେ। ବିପର୍ଯ୍ୟସ୍ତ ସମାଜକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ମଣିଷ ନିଜର ପିତା ମାତା ଓ ଗୁରୁଜନଙ୍କୁ ଭକ୍ତି ପ୍ରଦର୍ଶନ କରିପାରିଲେ ସମାଜରେ ଏକ ଆଧାତ୍ମିକ ଜାଗରଣ ସୃଷ୍ଟି ହୋଇପାରିବ ବୋଲି ବାବା କହିଥିଲେ। ଉତ୍ସବରେ ଶାନ୍ତି ଆନନ୍ଦାଶ୍ରମର ସନ୍ନ୍ୟାସୀ ଶେଷାନନ୍ଦ ଦାସ, ସୁଧାନନ୍ଦ ଦାସ ଓ ଆନନ୍ଦ ଦାସ ପ୍ରମୁଖ ଯୋଗଦେଇ ସନାତନ ଧର୍ମ ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ସହର ଭକ୍ତଗୋଷ୍ଠୀର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ଶ୍ରୀଠାକୁରଙ୍କ ଶୋଡ଼ଷ ଉପଚାର ପୂଜା ଓ ଠାକୁରଙ୍କ ଲିଖିତ ଭଜନ ପରିବେଶିତ ହୋଇଥିଲା।

# ହରି ମିଶ୍ରଙ୍କୁ ପୋଲିସର ପୁଣି ପଚରାଉଚରା

### ବନ୍ଦର ନିଷିଦ୍ଧାଞ୍ଚଳରୁ କୋଇଲା ଚୋରି ମାମଲା

ପାରାଦୀପ,୨।୧(ସ୍ୱ.ପ୍ର.)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରୁ ଡିସେମ୍ବର ୧୮ରେ ହୋଇଥିବା କୋଇଲା ଚୋରି ଅଭିଯୋଗ ଘଟଣାରେ ସୋମବାର ପାରାଦୀପ ଆଦର୍ଶଥାନା ପୋଲିସ ସ୍ୱସ୍ତିକ ଷ୍ଟିଭେଡର୍ସ ମୁଖ୍ୟ ହରି ମିଶ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହାକୁ ମିଶାଇ ଦୁଇଥର ଏଭଳି ପଚରାଉଚରା କରାଗଲାଣି । କିନ୍ତୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଗିରଫ କରାଯାଇ ନ ଥିଲା। ଏ ସମ୍ପର୍କରେ ଥାନାଧିକାରୀ ସବ୍ୟସାଚୀ ରାଉତ କହିଛନ୍ତି, ଏ ବିଷୟରେ ବୃତ୍ତାନ୍ତ ରିପୋର୍ଟ ହୋଇନାହିଁ। ସେଥିପାଇଁ ତାଙ୍କୁ କେବଳ ଜେରା କରାଯାଇଛି।

ସୂଚନାଯୋଗ୍ୟ, ଡିସେମ୍ବର ୧୮ରେ ବନ୍ଦର ନିଷିଦ୍ଧାଞ୍ଚଳର ଜିଟି ପ୍ଲଟ ନଂ. ୩ ରୁ ଏକ ଟ୍ରକ ଯୋଗେ କୋଇଲା ଚୋରି ହୋଇଥିଲା ବୋଲି ଇଣ୍ଡିଆ କୋକ୍ ପାଇଭେଟ୍ ଲିମିଟେଡ୍‌ର ସୁନୀଲ କୁମାର ଝା ଅଭିଯୋଗ କରିଥିଲେ। ଉକ୍ତ ଘଟଣାରେ ପୋଲିସ ମାମଲା (ନଂ.୪୨୯/୨୨)ରୁଜୁ କରିବା ସହ ସେତେବେଳେ ଟ୍ରକ ମାଲିକ ବିଜୟ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତ ବେଳେ ଉକ୍ତ ଚୋରି ଘଟଣାରେ ସ୍ୱସ୍ତିକ ଷ୍ଟିଭେଡର୍ସ ସଂସ୍ଥାର ମୁଖ୍ୟ ମିଶ୍ରଙ୍କ ସମ୍ପୃକ୍ତି ସମ୍ପର୍କରେ ସୂଚନା ମିଳିଥିଲା ବୋଲି ଥାନାଧିକାରୀ ରାଉତ ସୂଚନା ଦେଇଛନ୍ତି। ଏହି ଆଧାରରେ ତାଙ୍କୁ ସୋମବାର ୫ ଘଣ୍ଟାରୁ ଅଧିକ ସମୟ ଜେରା କରାଯାଇଛି। ଏଥିସହ ତାଙ୍କ ବିରୋଧରେ ପାରାଦୀପ ବନ୍ଦର ଆନ୍ତଃ ପରିବହନରେ ନିୟୋଜିତ ୧୩ରୁ ଉର୍ଦ୍ଧ୍ୱ ଡମ୍ପର ମାଲିକ ଟଙ୍କା ବକେୟା ଥିବା ନେଇ ଅଭିଯୋଗ କରିଛନ୍ତି। ଅନ୍ୟ ଏକ ଘଟଣା ହେଲା ଉକ୍ତ ଷ୍ଟିଭେଡର୍ସ ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ପାଇଁ ଗତବର୍ଷ ଅଗଷ୍ଟ ୩ରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହାରାନ୍ଧ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପରେ ତାହା କୋର୍ଟକୁ ଯାଇଥିଲା। ଉକ୍ତ ନୋଟିସ ଉପରେ ଷ୍ଟେ ଅର୍ଡର କରାଯାଇଥିଲା। ଏବେ ତାହା ରହସ୍ୟ ହୋଇ ରହିଛି। ପାରାଦୀପ ବନ୍ଦରରେ ଏଭଳି ଚୋରି ଓ ଷ୍ଟିଭେଡର୍ସ ବିବାଦ ଗତ ୨୦୧୫ ଜୁଲାଇ ୫ରୁ ଲାଗି ରହିଛି।

# କୁନ୍ଦୁପୁର-ବଡପଲ୍ଲୀ ରାସ୍ତା ଉନ୍ନତୀକରଣ ପାଇଁ ଶିଳାନ୍ୟାସ

ରାଜନଗର, ୨।୧(ଡି.ଏନ.ଏ.): ଓଡିଶା ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ରାଜନଗର ଡିଭିଜନ ପକ୍ଷରୁ କୁନ୍ଦୁପୁର-ବଡପଲ୍ଲୀ, ବାବର-ଜମ୍ବୁ ରାସ୍ତା ୭ କିମିଠାରୁ ୧୬ କିମି ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ସୋମବାର ଶିଳାନ୍ୟାସ କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରାସ୍ତାର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନ, ବିଶ୍ୱ ରଞ୍ଜନ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ।

# ଡା.ସୁବ୍ରତ ପରିଡାଙ୍କୁ ଜାତୀୟ ସମ୍ମାନ

ନାଉଗାଁ,୨।୧(ସ୍ୱ.ପ୍ର.)



ଉତ୍ତରପ୍ରଦେଶର ପ୍ରୟାଗରାଜ୍‌ଠାରେ ଇଣ୍ଡିଆନ ମେଡିକାଲ ଆସୋସିଏଶନର ୯୭ ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଶ୍ରେଷ୍ଠ ଯୁବ ଡାକ୍ତର ଭାବେ ଡାକ୍ତର ସୁବ୍ରତ ପରିଡାଙ୍କୁ ସମ୍ମାନିତ କରାଯାଇଛି। ଆସୋସିଏଶନ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷ ସହଜାନନ୍ଦ ପ୍ରସାଦ ସିଂହ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଡାକ୍ତର ପରିଡା ଏବେ ରାଉରକେଲାସ୍ଥିତ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ। ସେ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତ ନୟାସିଙ୍ଗଡା ଗ୍ରାମର ବରିଷ୍ଠ ଶିକ୍ଷାବିତ୍ କୈଳାସ ପରିଡା ଓ ଶିକ୍ଷୟିତ୍ରୀ ବୀଣାପାଣି ଲେଙ୍କାଙ୍କ ପୁତ୍ର। ଏହି ସମ୍ମାନ ତାଙ୍କୁ ରୋଗୀ ସେବା କ୍ଷେତ୍ରରେ ଅଧିକ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ସେ ପ୍ରକାଶ କରିଛନ୍ତି।

# ମହାବୀରକୁ ହରାଇ ମାତୃଶକ୍ତି ଚାମ୍ପିୟନ

### ଅଭିମନ୍ୟୁ ସ୍ମାରକୀ କ୍ରିକେଟ

ବାଲିକୁଦା,୨।୧(ସ୍ୱ.ପ୍ର.)

ନହରଣା ପଞ୍ଚାୟତ ଅନ୍ତର୍ଗତ ଖଣ୍ଡଗିରି ଗାଦିବ୍ରହ୍ମ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଅଭିମନ୍ୟୁ ସ୍ମାରକୀ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ଦଶବାଟିଆର ମାତୃଶକ୍ତି କ୍ରିକେଟ କ୍ଲବ ଓ ଖାଲଗାଁର ମହାବୀର କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଇଥିଲା । ମହାବୀର କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯୦ ରନ୍ ସଂଗ୍ରହ କରିଥିଲା। ଜବାବରେ ମାତୃଶକ୍ତି କ୍ଲବ ୯ ଓଭରରେ ଗୋଟିଏ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଉନ୍ନତ ଖେଳ ପ୍ରଦର୍ଶନ କରି ଅଭିଜିତ୍ ସ୍ୱାଇଁ ମ୍ୟାନ ଅଫ୍ ଦ ସିରିଜ ଓ ବ୍ରହ୍ମଜିତ୍ ବିଶ୍ୱାଳ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ନିହାର ରଞ୍ଜନ ବିଶ୍ୱାଳ, ରାମଚନ୍ଦ୍ର ଜେନା ଅମ୍ପାୟର ଦାୟିତ୍ୱ ତୁଲାଇଥିବା ବେଳେ ସର୍ବେଶ୍ୱର ସ୍ୱାଇଁ, ସମ୍ପଦ ସ୍ୱାଇଁ, ଆନିତ୍ୟ ଜେନା, ରୁଦ୍ରନାରାୟଣ ପ୍ରଧାନ ଟୁର୍ନାମେଣ୍ଟର ଧାରା ବିବରଣୀ ପ୍ରଦାନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଏସ୍‌ଟି ଡେପୁଟି କମିଶନର ପୁଷ୍କର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ତପନ ସ୍ୱାଇଁ, ଜଗଦୀଶ ବିଶ୍ୱାଳ, କ୍ଷେତ୍ରମୋହନ ମୁଦୁଲି, ବାବୁଲି ଶୁକ୍ଳା, ବାବାଜୀ ସ୍ୱାଇଁ, ନୃସିଂହ ନାୟକ, ଜଟାଧାରୀ ଜେନା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ଏବଂ ରନର୍ସ ଅପ୍ ଦଳକୁ କପ୍ ପ୍ରଦାନ କରିଥିଲେ। ଉଭୟ ଦଳକୁ ଅତିଥି ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏଥିରେ କ୍ଲବର ସଦସ୍ୟ ଏସ୍.କେ. ଅମିତ କୁମାର, ରାକେଶ ନାୟକ, ସଚିନ ସେଠ, ବାଦଲ ସ୍ୱାଇଁ, ରଞ୍ଜନ ଜେନା, ବଳିଆ ନାୟକ, ସୁବ୍ରତ ନାୟକ, ରିଙ୍କନ ଜେନା, ଲିଟୁନା ଶୁକ୍ଳା, ପପି ଶୁକ୍ଳା, କୃଷ୍ଣ ସେଠ ପ୍ରମୁଖ ସହଯୋଗ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ୭୫ ଅଭିଯୋଗରୁ ୪୦ ତତ୍କାଳ ଫଇସଲା

### ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

■ଆବାସ ଯୋଜନାରେ ସର୍ବାଧିକ ଅଭିଯୋଗ

ନାଉଗାଁ,୨।୧(ସ୍ୱ.ପ୍ର.)


ଶିବିରରେ ଜିଲାପାଳ ପାରୁଲ ପଟୱାରି ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ନାଉଗାଁ ବ୍ଲକ ଜ୍ୟୋତି ଫେଡେରେଶନର ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ବ୍ଲକ ଓ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶିବିରରେ ଜିଲାପାଳ ପାରୁଲ ପଟୱାରି ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ୍ ୭୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରେ ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୫ ଓ ବ୍ୟକ୍ତିଗତ ସମସ୍ୟା ଉପରେ ୭୦ ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ସମସ୍ୟା ମଧ୍ୟରେ ଆବାସ ଯୋଜନା ନିମନ୍ତେ ୭, ଖାଦ୍ୟ ସୁରକ୍ଷା ଯୋଜନାରେ ୨ , ରେଡ୍‌କ୍ରସ ୧, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ସହାୟତା ୨, ଜମିଜମା ସମ୍ପର୍କିତ ୬ ଓ ଅନ୍ୟାନ୍ୟ ୧୨ ଅଭିଯୋଗର ଶୁଣାଣି ହୋଇଥିଲା। ଅବଶିଷ୍ଟ ୪୦ ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଅନ୍ୟ ଅଭିଯୋଗଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଶିବିରରେ ରୋହିଆ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପଦ୍ମ ଚରଣ ରାଉତ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା ନ ଥିବା ଓ ରୋହିଆ ବିଦ୍ୟାଳୟ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ଅଭିଯୋଗ କରିଥିଲେ। ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ ଜଳ ସେଚନ ପାଇଁ କେନାଲ ଖୋଳା ଓ ମରାମତି, ଉଠା ଜଳସେଚନ ବ୍ୟବସ୍ଥା ଅଚଳ, ଗୋଚର ଜମିର ସୁରକ୍ଷା, ଗୋ ଖାଦ୍ୟର ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କରେ ଅଭିଯୋଗ କରିଥିଲେ। ଜନସ୍ୱାର୍ଥ ସୁରକ୍ଷା କମିଟି ପକ୍ଷରୁ ସମ୍ପାଦକ ସୁବାସ ସ୍ୱାଇଁ ନାଉଗାଁ ବ୍ଲକ ଅଫିସରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଥିବା ଅଭିଯୋଗ କରି ମରାମତି କରିବାକୁ ଦାବି କରିଥିଲେ। ସେହିପରି ଦେବିଦୋଳ ନିକଟସ୍ଥ ଦେବୀ ନଦୀରେ ଆନିକଟ ନିର୍ମାଣ କରି ଚାଷ ଜମିକୁ ଜଳ ସେଚନ ଓ ପାନୀୟ ଜଳ ବ୍ୟବସ୍ଥା, ବନ୍ଦ ହୋଇ ଯାଇଥିବା ବିଦ୍ୟାଳୟଗୁଡିକରେ ଆସବାବପତ୍ରକୁ ସୁରକ୍ଷିତ ରଖିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କରିବାକୁ ସେ ଦାବି କରିଥିଲେ। ତିରୁଣା ପଞ୍ଚାୟତର ପ୍ରଦୀପ୍ତ ସ୍ୱାଇଁ ବସୁଧା ଯୋଜନାରେ ପାଣି ପାଇପ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ କରିଥିଲେ। ପୂର୍ତ୍ତ ବିଭାଗ ଦ୍ୱାରା ତୋକିଡିହ-ତେଲସରା ରାସ୍ତା ନବୀକରଣ କାର୍ଯ୍ୟ ଚାଲୁ ଥିବାବେଳେ ରାସ୍ତା ପାର୍ଶ୍ୱରୁ ଗଛ କଟାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବାକୁ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସିଂ, ବିଡିଓ ରଶ୍ମିରେଖା ମଲ୍ଲିକ, ତହସିଲଦାର ଜେ.କଳ୍ପନାଙ୍କ ସହ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଅଭିଯୋଗ ଅଧିକାରୀ ବିଜୟାଲକ୍ଷ୍ମୀ ନାୟକ ଶିବିର ପରିଚାଳନା କରିଥିଲେ।

# ଧାନ କିଣା ପାଇଁ ବଢ଼ିଲା ପ୍ରଶାସନର ଚିନ୍ତା

**ନୟାଗଡ଼ ଅଫିସ/ଦଶପଲ୍ଲା/ ରଣପୁର, ୨୧୧ (ଡି.ଏନ୍.ଏ.)/(ସ୍ୱ.ପ୍ର.)**


**ମିଲର ଉଠାଉ ନାହାନ୍ତି ଧାନ:** ଗୋପାଳପୁର ମଣ୍ଡି ସମ୍ମୁଖରେ ଚାଷୀମାନଙ୍କ ଧାରଣା।


ମଧଖଣ୍ଡରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

- ଗୋପାଳପୁର, ରାଜସୁନାଖଳା, ମଧଖଣ୍ଡରେ ଚାଷୀ ଆନ୍ଦୋଳନ
- କଟନୀଛଟନୀରେ ଲାଗି ପାରିଲାନି ରୋକ୍
- ଫନ୍ଦି ଫିକର କରି ଅଭାବୀ ଧାନ ବିକ୍ରିରେ ସଫଳ
- ମଣ୍ଡି ନ ଖୋଲି ଧାନ ଦେବା ପାଇଁ ରିମାଇଣ୍ଡର ଆସୁଛି

ଚଳିତ ଖରିଫ ଋତୁର ୯୦ ଦିନ ଧାନ କିଣାରୁ ୧୧ ଦିନ ଚାଲିଯାଇଛି। ହେଲେ ନୟାଗଡ଼ ଜିଲାରେ ଧାନ କିଣା ଏଯାବତ ଆରମ୍ଭ ହୋଇପାରିଲା ନାହିଁ। ଜିଲାରେ ୧୬୭ଟି ମଣ୍ଡିରୁ ମାତ୍ର ୮ଟି ଖୋଲିଛି। ତେବେ ୮ଟି ମଣ୍ଡିରେ ଧାନକିଣା ସନ୍ତୋଷଜନକ ନୁହେଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ମିଲରମାନେ ଫନ୍ଦି ଫିକର କରି ଅଭାବୀ ଧାନ ବିକ୍ରିର ପରିସ୍ଥିତି ସୃଷ୍ଟି କରିବା, ଚାଷୀଙ୍କୁ ଧାନ ନେବା ପାଇଁ ଅଖା ନ ଦେବା, ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରି କଟନୀଛଟନୀ କରିବା ଯୋଗୁ ଗୋପାଳପୁର, ରାଜସୁନାଖଳା, ମଧଖଣ୍ଡ ଓ ଓସ୍ତିଆରେ ଚାଷୀ ଆନ୍ଦୋଳନ ଦେଖା ଦେଇଛି। ଧାନକିଣାକୁ ନେଇ ଜିଲାରେ ଚିନ୍ତା ବଢ଼ୁଥିବାରୁ ଆକ୍ସନ ମୁଡରେ ଜିଲାପାଳ ରହିଛନ୍ତି। କୌଣସି ମୁହୂର୍ତ୍ତରେ ମିଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇପାରେ। ଜିଲାପାଳଙ୍କ ସୂଚନା ଅନୁସାରେ, ପ୍ରଶାସନ ମିଲର ନୁହେଁ ଚାଷୀଙ୍କ ପାଇଁ କାମ କରିବ, ଏହା ସେ କହିବା ପରେ ମିଲରଙ୍କ ଉପରେ ପ୍ରଶାସନ ଖପ୍ପା ଥିବା ସ୍ପଷ୍ଟ ହୋଇଯାଇଛି।

ପ୍ରକାଶ ଯେ, ଜିଲାରେ ସବୁ ଅଞ୍ଚଳରେ ଧାନମଣ୍ଡି ଖୋଲିବାରେ ପ୍ରଶାସନ ବ୍ୟର୍ଥ ହୋଇଛି। ଖୋଲିଥିବା କ୍ୱୋଚିତ ଧାନ ମଣ୍ଡିରେ ଚାଷୀଙ୍କୁ ଲୁଟିବା ପାଇଁ କଟନୀଛଟନୀ ଆରମ୍ଭ ହେବା ପରେ ଚାଷୀ ଆନ୍ଦୋଳନ ତୀବ୍ରତର ହୋଇଛି। ରଣପୁର ବ୍ଲକର ଗୋପାଳପୁର ପ୍ୟାକ୍ସ ସୋମବାର ଉଦ୍‌ଘାଟିତ ହୋଇଛି। ତେବେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୮ କିଲୋ ଲେଖାଏ କଟା ଯିବାକୁ କୁହାଯିବା ପରେ ପ୍ରତିବାଦ ବଢ଼ିଛି। ଚାଷୀ ମିଲରଙ୍କୁ ବିରୋଧ କରି ଆନ୍ଦୋଳନ କରିଛନ୍ତି। ରାଜସୁନାଖଳା ପ୍ୟାକ୍ସରେ ମଣ୍ଡି ଖୋଲାଯାଇନି । ତେବେ ଚାଷୀଙ୍କୁ ରିମାଣ୍ଡର ଆସୁଛି ମଣ୍ଡିକୁ ଧାନ ଆଣି କାହିଁକି ଦେଉନ। ଚାଷୀ ଧାନ ଧରି ମଣ୍ଡିକୁ ଆସିବାବେଳେ ମଣ୍ଡିରେ ମିଲର, ସମ୍ପାଦକଙ୍କ ଦେଖାନାହିଁ। ଏଣୁ ଧାନ କିଣିବାକୁ ଦାବି ରଖି ସୁନାଖଳା ମଣ୍ଡିରେ ଚାଷୀଙ୍କ ପକ୍ଷରୁ ଆନ୍ଦୋଳନ ହୋଇଥିଲା। ତେବେ ଆନ୍ଦୋଳନସ୍ଥଳକୁ ଯାଇ କେହି ଚାଷୀଙ୍କୁ ବୁଝାଇ ନାହାନ୍ତି। ଦଶପଲ୍ଲା ବ୍ଲକର ମଧଖଣ୍ଡ ମଣ୍ଡିରେ ଧାନ କିଣା ଆରମ୍ଭ ନ ହେଉଣୁ ୫ କିଲୋ ଲେଖାଏ କୁଇଣ୍ଟାଲ ପିଛା କାଟିବାକୁ ମିଲର କହିବାରୁ ଉତ୍ତେଜନା ଦେଖା ଦେଇଥିଲା। ଚାଷୀମାନେ ରାସ୍ତାରୋକୋ କରିଥିଲେ। ଗଣିଆ ବ୍ଲକ ରାସଙ୍ଗ ଓସ୍ତିଆ ପ୍ୟାକ୍ସରେ ଚାଷୀଙ୍କୁ ଧାନ କିଣିବାକୁ ମେସେଜ ଆସୁଛି। ହେଲେ ଚାଷୀଙ୍କ ଧାନ କିଣା ନ ହେବାରୁ ଚାଷୀ ଉତ୍ତେଜିତ ହୋଇ ପ୍ୟାକ୍ସ ସମ୍ମୁଖରେ ଧାନ ରଖି ସଭାପତି ଓ ସମ୍ପାଦକଙ୍କୁ ଅଟକ ରଖି ଆନ୍ଦୋଳନ କରିଛନ୍ତି। ଜିଲାର ବିଭିନ୍ନ ବ୍ଲକରେ ଚାଷୀ ଆନ୍ଦୋଳନ ଦେଖାଦେଇଛି।

ଏ ନେଇ ସିପିଆଇ(ଏମ) ନେତା ସୁରେଶ ସ୍ୱାଇଁ କୁହନ୍ତି, ରାଜସୁନାଖଳା ମଣ୍ଡିରେ ଧାନ କିଣା ହୋଇନି। ତେବେ ଚାଷୀଙ୍କୁ ଧାନ ଆଣିବାକୁ ମଣ୍ଡିକୁ ଆଣିବାକୁ ବାରମ୍ବାର ମେସେଜ ଆସୁଛି। ଚାଷୀ ଧାନ ଧରି ଆସି ଫେରୁଛନ୍ତି। ଏଣୁ ଆମେ ଚାଷୀଙ୍କ ସହ ମିଶି ପ୍ରତିବାଦ କରି ଆନ୍ଦୋଳନ କରିଥିଲୁ। ଆମ ଆନ୍ଦୋଳନକୁ କେହି ଗୁରୁତ୍ୱ ଦେଉନାହାନ୍ତି। ମଧଖଣ୍ଡର ଚାଷୀ ମନୋଜ ବାରିକ କୁହନ୍ତି, ଟୋକନ ମିଳିଲା ପରେ ଧାନ ମଣ୍ଡିକୁ ଆଣିଥିଲୁ। ମିଲର ଧାନ ଟେଷ୍ଟ କରି ଠିକ୍ ଅଛି କହିଲେ। ତେବେ ୫ରୁ ସାଢ଼େ ୫କିଲୋ କୁଇଣ୍ଟାଲ ପିଛା କାଟିବ କହିଥିଲେ। ଆମର ଭଲ ଧାନ ହୋଇ ମଧ ଆମେ ୩ କିଲୋ କାଟିବାକୁ କହିବାରୁ ଅରାଜି ହୋଇ ମିଲର ଚାଲି ଗଲେ। ଏଣୁ ରାସ୍ତାରୋକୋ ହୋଇଛି। ଗୋପାଳପୁର ଚାଷୀ କିଶୋର ଚନ୍ଦ୍ର ସିଂହ କୁହନ୍ତି, ମଣ୍ଡି ନ ଖୋଲି ମଣ୍ଡିକୁ ଧାନ ଆଣିବାକୁ ବାରମ୍ବାର ମେସେଜ ଆସୁଛି। ସୋମବାର ମଣ୍ଡି ଖୋଲିବା ପରେ ମିଲର ୮ କେଜି କାଟିବାକୁ କହିବାରୁ ଚାଷୀମାନେ ବିରୋଧ କରି ଆନ୍ଦୋଳନ କରିଛନ୍ତି। ଓସ୍ତିଆରେ ଚାଷୀ ରାମଚନ୍ଦ୍ର ସାହୁ କୁହନ୍ତି, ଧାନ କିଣା ଆରମ୍ଭରୁ ଚାଷୀକୁ ମିଲର ହଇରାଣ କରିଲେଣି।

ଚାଷୀ ମଣ୍ଡିରେ ଧାନ ନ ବିକି ବେପାରୀଙ୍କୁ ଧାନ ବିକ୍ରି କରିବାକୁ ଫନ୍ଦି ଫିକର କରି ଏପରି କରାଯାଇଛି। ଏଣୁ ଆମ ମଣ୍ଡିରେ ଆନ୍ଦୋଳନ କରାଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ପଚାରିବାରେ ଚାଷୀଙ୍କୁ ମିଲର ଯେପରି ହଇରାଣ କରୁଛନ୍ତି ଆମେ କସ୍ମିନ କାଳେ ସେମାନଙ୍କୁ ସହଯୋଗ କରିବୁନି। ଚାଷୀ କିପରି ଧାନ ବିକ୍ରି କରିବେ ସେନେଇ ପ୍ରଶାସନ କଠୋର ହେବା ପାଇଁ ନିଷ୍ପତ୍ତି ନେଇ ସାରିଛି। ଜିଲା ଯୋଗାଣ ଅଧିକାରୀ ତିଲୋତ୍ତମା ପ୍ରଧାନ କୁହନ୍ତି, ଚାଷୀର ଧାନ କିପରି ମଣ୍ଡିରେ କିଣା ହେବ ସେଥିପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି।

## ସଂକ୍ଷେପରେ

### ଟ୍ରାକ୍ଟର ତଳେ ଚାପିହୋଇ ଯୁବକଙ୍କ ମୃତ୍ୟୁ



**ନୂଆଗାଁ,୨୧୧ (ଡି.ଏନ୍.ଏ.):** ନୟାଗଡ଼ ଜିଲା ନୂଆଗାଁ ଥାନା ଜାକେଡା ଅଞ୍ଚଳରେ ସୋମବାର ଟ୍ରାକ୍ଟର ତଳେ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଜାକେଡା ଗାଁର ବାଦଲ କୁମାର ଜାନୀ (୧୮)। ସୂଚନା ମୁତାବକ, ଜାକେଡା ଗ୍ରାମରେ ଧାନ ବେଙ୍ଗଳା କରିବା ପାଇଁ ଟ୍ରାକ୍ଟର (ନଂ. ଓଡି ୨୫ ଏମ୍ ୯୧୬୧) ଆସିଥିବା ବେଳେ କାମ ସାରି ବାହାଡାଝୋଲା ଅଭିମୁଖେ ଯାଉଥିଲା। ସେହି ଟ୍ରାକ୍ଟରରେ ଡ୍ରାଇଭର ସହ ଜାକେଡା ଗାଁର ତପନ ଜାନୀଙ୍କ ପୁଅ ବାଦଲ ବସି ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଗୋଟିଏ ବାଇକ୍ ଆସିବାରୁ ତାକୁ ସାଇଡ୍ ଦେବା ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡିଥିଲା। ଫଳରେ ଡ୍ରାଇଭର ଜଣକ ଦୂରକୁ ଛିଟିକି ପଡିଥିବା ବେଳେ ବାଦଲ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ଖବର ପାଇ ନୂଆଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ବାଦଲକୁ ଟ୍ରାକ୍ଟର ତଳୁ ବାହାର କରି ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ବାଦଲଙ୍କୁ ମୃତ ଘୋଷଣା କରଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ଭିଡିଓ ସଙ୍ଗୀତ ଲୋକାର୍ପିତ

**ନୟାଗଡ଼ ଅଫିସ,୨୧୧:** ନୂଆବର୍ଷ ଉପଲକ୍ଷେ ବରିଷ୍ଠ ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ, ସଙ୍ଗୀତ ନିର୍ଦ୍ଦେଶକ ତଥା ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦଙ୍କ ଦ୍ୱାରା ଭିଡିଓ ସଙ୍ଗୀତ 'ପାପଭାର ମୋର ବଳିଗଲା ବୋଲି ତୋ ସିଂହ ଦୁଆର କରିଲୁ ମନା' ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଲୋକାର୍ପିତ ହୋଇଯାଇଛି। ନୟାଗଡ଼ ଜିଲାର ଯୁବପ୍ରତିଭା ତଥା ଦୂରଦର୍ଶନ ଏବଂ ଆକାଶବାଣୀ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ଏହି ଭଜନରେ କଣ୍ଠଦାନ କରିଛନ୍ତି। ଗୀତିକାର ସୁବାସ ନାୟକ ଗୀତ ରଚନା ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଇଣ୍ଡିଆନ ମ୍ୟୁଜିକ କ୍ରିଏଶନ ଦ୍ୱାରା ପ୍ରଯୋଜିତ ଏହି ଭିଡିଓ ସଙ୍ଗୀତର ପରିଚାଳନା ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ଅଞ୍ଜନ କୁମାର କରିଛନ୍ତି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଦାଶଙ୍କ ସମେତ ଲକ୍ଷ୍ମୀଧର ସାହୁ, ପ୍ରଶାନ୍ତ ପଟ୍ଟନାୟକ, ଦୀନବନ୍ଧୁ ସାହୁ, ଶରତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ମିଛମାୟା ସଂସାରରେ ସତ୍ୟପଥରେ ରହୁଥିବା ଭକ୍ତଟିଏ ଯାହା କାର୍ଯ୍ୟ କଲେ ମଧ ତାକୁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ ପାଇଁ ଆତୁର ଭକ୍ତ ପାଇଁ ବଡ଼ ଦୁଆର ବନ୍ଦ ରହୁଥିବା ଭକ୍ତଟି ଅନୁଭବ କରି କାଳେ ତା'ର ପାପଭାର ବଢ଼ି ଗଲା ବୋଲି ସେ ଭଗବାନଙ୍କୁ ଗୁହାରି କରୁଛି। ଏପରି ଏକ ପରିକଳ୍ପନାରେ ରଚନା କରାଯାଇଥିବା ଏହି ଗୀତଟି ବେଶ ଶ୍ରୁତିମଧୁର ହୋଇଥିବା ବେଳେ ଏହା ଲୋକମାନଙ୍କ ମଧ୍ୟରେ ବେଶ ଜନାଦୃତ ହୋଇପାରିବ ବୋଲି ଉପସ୍ଥିତ ସଙ୍ଗୀତପ୍ରେମୀମାନେ ମତବ୍ୟକ୍ତ କରିଥିଲେ।

# ପଥର ଖଣିରେ ଚଢ଼ାଉ, ଟ୍ରାକ୍ଟର ସହ ୨ ପାଣି ପମ୍ପ ଜବତ


କୋମଣ୍ଡ ପଞ୍ଚାୟତ ଅଞ୍ଚଳରେ ବେଆଇନ ଭାବେ ଖୋଳାଯାଇଥିବା ମାଙ୍କଡା ପଥର ଖଣି।

**ଓଡ଼ଗାଁ, ୨୧୧ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ବେଆଇନ ମାଙ୍କଡା ପଥର ଖଣିକୁ ନେଇ ବିଭିନ୍ନ ଚର୍ଚ୍ଚା ହେଉଥିଲା। ଏ ନେଇ ପ୍ରଶାସନିକ ତତ୍ପରତା ଦେଖାଦେଇଛି। ବର୍ଷ ବର୍ଷ ଧରି ୫୦ରୁ ଊର୍ଦ୍ଧ୍ୱ ବେଆଇନ ପଥର ଖଣି ବିନା ନିଲାମରେ ଜମି ମାଲିକ (ରୟତ)ମାନେ ମାଙ୍କଡା କାଟି ଚାଲାଣ କରୁଥିଲେ। ସୋମବାର ରାଜସ୍ୱ ଓ ଜଙ୍ଗଲ ବିଭାଗ ଚଢାଉ କରି ଟ୍ରାକ୍ଟର, ଜେସିବି, ପାୱାର ଟ୍ରିଲର ଜବତ କରିଛି। ଏପରିସ୍ଥଳେ ସ୍ଥାନୀୟ ତହସିଲଦାର ବିଜୟିତା ସାମନ୍ତସିଂହାର କେତେଜଣ ରାଜସ୍ୱ ନିରୀକ୍ଷକଙ୍କ ସହିତ ପଥରା ମୌଜାରେ ଚଢାଉ କରି ଗୋଟିଏ ନମ୍ବର ବିହୀନ ଟ୍ରାକ୍ଟର ସହିତ ପାଣି ଉତ୍ତୋଳନ କରୁଥିବା ୨ଟି ପାଣି ପମ୍ପ ଜବତ କରିଛନ୍ତି।

ତହସିଲଦାର ଚଢାଉ କରିବା ସମୟରେ ଏହି ମୌଜାର ରେକର୍ଡଧାରୀ ରୟତ ରବୀନ୍ଦ୍ର ନାୟକଙ୍କ ଜମିରେ କୃଷ୍ଣଚନ୍ଦ୍ର ସାହୁ ମାଙ୍କଡା କାଟିଥିବା ବେଳେ ରେକର୍ଡଧାରୀ ରୟତ ପୂର୍ଣ୍ଣଚନ୍ଦ୍ର ନାୟକ ନିଜେ ଜମିକୁ ଖଣି କରି ସେଥିରୁ ମାଙ୍କଡା କାଟି ଅନ୍ୟତ୍ର ଚାଲାଣ କରୁଥିବା ଜାଣିବାକୁ ପାଇଥିଲେ। ତହସିଲଦାର ଖଣି ଅଞ୍ଚଳକୁ ଆସୁଥିବା ଜାଣିପାରି ସମସ୍ତେ ଛତ୍ରଭଙ୍ଗ ଦେଇଥିଲେ। ଅନ୍ୟପକ୍ଷେ ବେଆଇନ ଭାବେ ମାଙ୍କଡା କାଟୁଥିବା ଅଭିଯୋଗରେ ୨୦୨୧ ଡିସେମ୍ବର ୧୩ରେ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଜେସିବି ସହ ୩ ଗାଡି ଜବତ କରିବା ସହିତ ୧ଲକ୍ଷ ୩୦ ହଜାର ଟଙ୍କା ଜରିମନା ଆଦାୟ କରିଥିଲେ। ଏଥିରୁ ନିବୃତ ରହିବାକୁ ତହସିଲଦାର ନୋଟିସ ଜାରୀ କରିଥିଲେ।

କୋମଣ୍ଡ ଆର୍‌ଆଇ ସୁଧୀର କୁମାର ପରିଡା, ଓଡ଼ଗାଁ ଆର୍‌ଆଇ ବଳରାମ ସାହୁ, ନନ୍ଦିଘୋର ଆର୍‌ଆଇ ଚିତରଞ୍ଜନ ବେହେରା ଓ ଶରଧାପୁର ଆରଆଇ ବିଷ୍ଣୁପ୍ରସାଦ ମଲିକ ଚଢାଉରେ ସାମିଲ ହୋଇଥିଲେ। ସେହିପରି ନନ୍ଦିଘୋର ଗ୍ରାମରେ ଜେସିବି ସାହାଯ୍ୟରେ ବେଆଇନ ଭାବେ ମାଟି ଖୋଳୁଥିବା ବେଳେ ରାଜସ୍ୱ ବିଭାଗ ନଂ. ଓଆର ୦୭ ଟି ୯୮୮୪ ବିଶିଷ୍ଟ ଜେସିବି ଜବତ କରିଥିଲେ। ହେଲେ ସମ୍ପୃକ୍ତ ଗାଡି ମାଲିକ ୧୦ ହଜାର ଜରିମାନା ଦେଇ ଜେସିବି ମୁକାଳି ଥିବା ଜଣାଯାଇଛି।

# ଶିକ୍ଷକ ବିଳମ୍ବରେ ଆସିବାରୁ ଚାପା ଉତ୍ତେଜନା

**ନୟାଗଡ ଅଫିସ,୨୧୧**

ନୟାଗଡ ବ୍ଲକ ହରିପୁରସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଶିକ୍ଷକ ବିଳମ୍ବରେ ଆସିବାକୁ ନେଇ ଚାପା ଉତ୍ତେଜନା ଦେଖା ଦେଇଥିଲା। ବିଦ୍ୟାଳୟ ଫାଟକରେ ତାଲା ଝୁଲୁଥିବାରୁ ଛାତ୍ରୀଛାତ୍ରମାନେ ଖେଳକୁଦରେ ମାତିଥିଲେ। ଏପରିକି ବିଦ୍ୟାଳୟ ସମ୍ମୁଖରେ ମଧ୍ୟାହ୍ନଭୋଜନ ଆଣି ଆସିଥିବା ଗାଡି ଅଟକି ରହିଥିଲା। ଶିକ୍ଷୟିତ୍ରୀ ପୂର୍ବାହ୍ନ ସାଢ଼େ ୧୦ଟା ପରେ ଆସି ହସି ହସି କହିଥିଲେ ବିଳମ୍ବ ହୋଇଗଲା। ଆଗକୁ ଏପରି ହେବନି। ତେବେ ଏଭଳି ଘଟଣା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଚାପା ଉତ୍ତେଜନା ଦେଖାଦେଇଥିଲା।


ଶିକ୍ଷକ ଆସି ନ ଥିବାରୁ ଗେଟରେ ତାଲା ପଡିଛି, ପିଲାମାନେ ବାହାରେ ଖେଳୁଛନ୍ତି।

# ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳରେ ଭିଡ଼

**ଖଣ୍ଡପଡ଼ା,୨୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ଉପକଣ୍ଠ ତଥା ନୟାଗଡ–ଖଣ୍ଡପଡ଼ା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହେଉଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ, ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଉକ୍ତ ପର୍ଯ୍ୟଟନସ୍ଥଳକୁ ପରିଦର୍ଶନରେ ଆସୁଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ପରିବେଶର ଚତୁଃପାର୍ଶ୍ୱରେ ପର୍ଯ୍ୟଟକମାନେ ଭୋଜିଭାତର ଆସରଜମୁଛି। ଯୁବତୀଯୁବକମାନେ ସେଲଫି ପଏଣ୍ଟରେ ଫଟୋ ଉଠାଇ ଆନନ୍ଦ ମଜା ଉଠାଉଛନ୍ତି। ଅନେକ ପର୍ଯ୍ୟଟକ ସୁନାମୁହିଁର ନୀଳ ଜଳରାଶିରେ ସ୍ନାନ କରି ମଜା ନେଉଥିବା ବେଳେ ପ୍ରାତଃ କାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ଜନସାଧାରଣଙ୍କ ଭିଡକୁ ନଜରରେ ରଖି ଖଣ୍ଡପଡ଼ା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଶୀତ ଋତୁରେ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ସୁନାମୁହିଁ ପର୍ଯ୍ୟଟନସ୍ଥଳ ପରିସରରେ ଉଜ୍ୱଳ ଆଲୋକୀକରଣ, ପାନୀୟ ଜଳ ଓ ସୁଲଭ ଶୌଚାଳୟ ଆଦି ଆବଶ୍ୟକ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।


ସୁନାମୁହିଁରେ ପର୍ଯ୍ୟଟକଙ୍କ ଭିଡ।

# ଗୟଳ ଶିକାର ଅଭିଯୋଗରେ ୫ ଦିନ ଅଟକ ପରେ ଗିରଫ

**ଓଡ଼ଗାଁ, ୨୧୧ (ସ୍ୱ.ପ୍ର.)**

ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ମାଧୁଆମାରୁ ଗ୍ରାମ ସନ୍ନିକଟ ଅଣସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରୁ ଡିସେମ୍ବର ୨୯ ତାରିଖରେ ହୋଇଥିବା ଗୟଳ ଶିକାର ମାମଲାରେ ବନ ବିଭାଗ ୫ଦିନ ଅଟକ ପରେ ଜଣେ ଅଭିଯୁକ୍ତଙ୍କୁ ସୋମବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ବନ ବିଭାଗ ସୂଚନା ଅନୁସାରେ, ଡିସେମ୍ବର ୨୮ ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ବିଦ୍ୟୁତ୍ ଫାଶ ଲଗାଇ ଏକ ଗୟଳ ଶିକାର କରିଥିବା ବେଳେ ୨୯ ତାରିଖ ସକାଳେ ବନଖଣ୍ଡ ଅଧିକାରୀଙ୍କ ସହ ବନପାଳ ଓ ବନାଞ୍ଚଳ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ୪ କୁଇଣ୍ଟାଲ ମାଂସ ବଦଳରେ କେବଳ ଗୟଳ ମୁଣ୍ଡ, ପୁଟା ଓ ଗୋଡ ଜବତ କରିଥିଲେ। ଏସବୁର ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ କରିବା ପରେ ସେହି ସ୍ଥାନରେ ହିଁ ପୋତି ଦେଇଥିଲେ। ହେଲେ ଏହି ମାମଲାରେ ବନ ବିଭାଗ ସେହିଦିନ ନିକଟସ୍ଥ ସୁଦ୍ର ନୂଆଁପଲ୍ଲୀ ଗ୍ରାମରୁ ଜଣେ ଟ୍ରାକ୍ଟର ଚାଳକ ନବ ବେହେରା (୪୫)ଙ୍କୁ ସନ୍ଦେହରେ ଧରିଆଣି ପଚରାଉଚୁରା କରୁଥିଲେ। ଏପରିକି ତାଙ୍କ ଘରୁ ଗୋଟିଏ ଫାଶ ଜବତ କରିଥିଲେ। ହେଲେ ୫ ଦିନ ଧରି ଅଟକ ରହିଥିବା ନବଙ୍କୁ ସୋମବାର ଅପରାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିବାକୁ ବନ ବିଭାଗ ପ୍ରସ୍ତୁତ ହେଉଥିବା ବେଳେ ସୁଦ୍ର ନୂଆଁପଲ୍ଲୀ ଗ୍ରାମର ଅଭିଯୁକ୍ତ ନବଙ୍କ ପରିବାର ସମେତ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ନବ ନିର୍ଦ୍ଦୋଷ ବୋଲି ଗଣମାଧ୍ୟମକୁ କହିଥିଲେ। ଏପରିକି ଏ ନେଇ ନବଙ୍କ ସ୍ତ୍ରୀ କୁମାରୀ ନାୟକ ସୋମବାର ସ୍ଥାନୀୟ ତହସିଲଦାର ଓ ଆଦର୍ଶ ଥାନାଧିକାରୀଙ୍କୁ ତାଙ୍କ ସ୍ୱାମୀଙ୍କୁ ବେଆଇନ ଭାବେ ୫ ଦିନ ହେଲା ଅଟକ ରଖି ବନ ବିଭାଗ ନିର୍ଯାତନା ଦେଉଛି ବୋଲି ଲିଖିତ ଭାବେ ଜଣାଇଥିଲେ। ହେଲେ ପରିବାର ସଦସ୍ୟଙ୍କ ସହ ଗ୍ରାମାବସୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଫାଟକ ସାମନାରେ ବସି ରହିବା ସହ ନବଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ କୋର୍ଟ ଚାଲାଣ କରିବାକୁ ବିରୋଧ କରିବାରୁ ଆଦର୍ଶ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ସହିତ ପୋଲିସ ଫୋର୍ସ ଓ ବନ ସୁରକ୍ଷା ବଳ ଗ୍ରାମବାସୀଙ୍କୁ ଫାଟକ ସାମ୍ନାରୁ ହଟାଇ ଅଭିଯୁକ୍ତ ନବଙ୍କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ବନ ବିଭାଗ ଘଟଣା ଦିନ ୨୪/୨୨-୨୩ ଏକ ଯୁଡି ମାମଲା ରୁଜୁ କରିଥିବା ବେଳେ ସୋମବାର ଏହି ମାମଲା ବଦଳରେ ଅଭିଯୁକ୍ତ ନବଙ୍କ ବିରୋଧରେ ଓଆର ନଂ.୨୪/୨୨-୨୩ ରେ ଅନ୍ୟ ଏକ ମାମଲା ରୁଜୁ କରିଥିବା ବନାଞ୍ଚଳ ଅଧିକାରୀ ଆଶିଷ କୁମାର କଅଁର ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ରାତାରାତି ୪ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମାଂସ ଗାଏବ ହେବା ଏବଂ ବନ ବିଭାଗକୁ ଏହାର କାଣିଚାଏ ସନ୍ଧାନ ନ ପାଇବା ନେଇ ସାଧାରଣରେ ବନ ବିଭାଗର କାର୍ଯ୍ୟ ଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


୫ଦିନ ଅଟକ ପରେ ଅଭିଯୁକ୍ତଙ୍କୁ ଗିରଫ ପ୍ରତିବାଦରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

### ଗ୍ରାମବାସୀଙ୍କ ପ୍ରତିବାଦ, ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ବେଳେ ଉତ୍ତେଜନା

# ୩ କି.ମି. ଖଟିଆରେ ବୁହାହେଲେ ରୋଗୀ

- ଦଶପଲ୍ଲା ନୁହେଁ, ଗାଲେରିରୁ ଆସିଲା ଆମ୍ବୁଲାନ୍ସ
- ଭୋଗବାଡ଼ି ଗାଁକୁ ରାସ୍ତା ନ ଥିବାରୁ ଦୁର୍ଦ୍ଦଶା

ନୟାଗଡ଼ ଅଫିସ,୨।୧

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କଳସାଖମଣ ପଞ୍ଚାୟତର ଭୋଗବାଡ଼ି ଗାଁକୁ ରାସ୍ତା ନ ଥିବାରୁ ସନ୍ୟାସୀ ବେହେରା (୫୫) ଗୁରୁତର ରୋଗୀଙ୍କୁ ସୋମବାର ଖଟିଆ ଯୋଗେ ୩ କିମି ବୋହିବାକୁ ପଡ଼ିଛି। ରୋଗୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚାଇବା ପରେ ୧୦୮ ଆମ୍ବୁଲାନ୍ସ ନେଇଥିଲା। ତେବେ ଆମ୍ବୁଲାନ୍ସ ଦଶପଲ୍ଲା କି ନୟାଗଡ଼ରୁ ଆସି ନ ଥିଲା। ଆମ୍ବୁଲାନ୍ସ ଗଞ୍ଜାମ ଜିଲା ଗାଲେରି ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସି ନେଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭଞ୍ଜନଗର ସ୍ଥାନାନ୍ତର କରାଯାଇଛି। ଭୋଗବାଡ଼ି ଗାଁକୁ ରାସ୍ତା ନ ଥିବାରୁ ଏଠାକାର ଲୋକ ରୋଗ ହେଲେ ସବୁବେଳେ ହଇରାଣ ହେଉଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, କଳସାଖମଣ ପଞ୍ଚାୟତରେ ଭୋଗବାଡ଼ି, ଗୋଟାପଦର, ଗେଣ୍ଡାଳି, ପାଣ୍ଡେରୀ, କୁଦୁଙ୍ଗୁ, କଣାପାଙ୍କୁ, ନୂଆସାହି, ଭୁଟାପଦର, ବାରନାଳିଆ, ଲେଡିପଦର, ଚକିଡା ପରି ଅନେକ ଗାଁକୁ ଯିବାକୁ ରାସ୍ତା ନାହିଁ। ସରକାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପରେ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ସମ୍ପୃକ୍ତ ଗାଁଗୁଡିକ ପାଇଁ ଏଯାବତ୍ ରାସ୍ତା କରି ପାରିନାହାନ୍ତି। ସୋମବାର ପୂର୍ବାହ୍ନରେ ଭୋଗବାଡ଼ି ଗାଁର ସନ୍ୟାସୀ ହଠାତ୍ ଅଚେତ ହୋଇପଡ଼ିଲେ। ପରିବାର ଲୋକ ସନ୍ୟାସୀଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ଉଦ୍ୟମ କରିଥିଲେ। ଦଶପଲ୍ଲା ଓ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଆମ୍ବୁଲାନ୍ସକୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ ଗାଁରେ ମୋବାଇଲ ନେଟୱର୍କ ଠିକ୍‌ରେ କାମ କରୁ ନ ଥିବାରୁ ପରିବାର ଓ ଗାଁ ଲୋକ ଚିନ୍ତାରେ ପଡିଥିଲେ। ଏଭଳି ସମୟରେ କିଛି ଲୋକ ଦଶପଲ୍ଲା ଓ ଗାଲେରି ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସକୁ ଯୋଗାଯୋଗ କରୁଥା'ନ୍ତି। ସେପଟେ ପରିବାର ଲୋକ ସନ୍ୟାସୀଙ୍କୁ ଖଟିଆ ଯୋଗେ ପଞ୍ଚାୟତ କାର୍ଯ୍ୟାଳୟକୁ ନେଇଯାଇଥିଲେ। ଗାଲେରି ଆମ୍ବୁଲାନ୍ସ ନମ୍ବର ଲାଗିଥିଲା। ଭାଗ୍ୟକୁ ଗାଲେରି ଆମ୍ବୁଲାନ୍ସ ଆସି ରୋଗୀଙ୍କୁ ଗାଲେରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କଳସାଖମଣଠାରୁ ଦଶପଲ୍ଲା ବ୍ଲକ ଅଥବା ସ୍ୱାସ୍ଥ୍ୟକେନ୍ଦ୍ରର ଦୂରତା ୬୦ କିମି ହୋଇଥିବାବେଳେ ଗଞ୍ଜାମ ଜିଲା ଗାଲେରିର ଦୂରତା ୩୦ କିମି ଓ ଭଞ୍ଜନଗରର ଦୂରତା ୫୦ କିମି। ଏଣୁ ଗଞ୍ଜାମ ଜିଲାକୁ ରୋଗୀ ଯିବା ସୁବିଧା ହୋଇଥିଲା।


କଳସାଖମଣ ଗାଁକୁ ରାସ୍ତା ନ ଥିବାରୁ ଲୋକେ ରୋଗୀଙ୍କୁ ଭାରରେ ବୋହି ନେଉଛନ୍ତି।

## ଖତଖାଉଛି ଏମ୍‌ପି ଅନୁଦାନର ଆମ୍ବୁଲାନ୍ସ

କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଦଶପଲ୍ଲା ବ୍ଲକର ଚଢ଼େୟାପଲ୍ଲୀ ଅଞ୍ଚଳ ପାଇଁ ଯୋଗାଇଥିବା ଆମ୍ବୁଲାନ୍ସ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଖତଖାଉଛି। ଏମ୍‌ପିଙ୍କ ପ୍ରଦତ୍ତ ଆମ୍ବୁଲାନ୍ସରୁ କିପରି ଦୁର୍ଗମ ଅଞ୍ଚଳର ଆଦିବାସୀ ଓ ଦଳିତ ଲୋକ ଉପକୃତ ହେବେ ସେଥିପ୍ରତି ବ୍ୟବସ୍ଥା କରାଯାଉ ନ ଥିବାରୁ ଭୋଗବାଡ଼ି ପରି ଗାଁର ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଚଢ଼େୟାପଲ୍ଲୀକୁ ଏକ ଆମ୍ବୁଲାନ୍ସ ଏମ୍‌ପି ସାମନ୍ତ ୨୦୨୨ ମେ ୪ରେ ପ୍ରଦାନ କରିଥିଲେ। ଆମ୍ବୁଲାନ୍ସ ଚଢ଼େୟାପଲ୍ଲୀରେ ରହିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ମେ ମାସରୁ ଏମ୍‌ପିଙ୍କ ପ୍ରଦତ୍ତ ଆମ୍ବୁଲାନ୍ସ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପଡ଼ିରହିଛି। ସରକାର ଅନେକ ଟଙ୍କା ସ୍ୱାସ୍ଥ୍ୟସେବା ପାଇଁ ଯୋଗାଉଥିଲେ ମଧ୍ୟ ଦଶପଲ୍ଲା ବ୍ଲକର ଦୁର୍ଗମ ଅଞ୍ଚଳର ଲୋକଙ୍କ ପ୍ରତି କୌଣସି ବ୍ୟବସ୍ଥା ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏଭଳିସ୍ଥଳେ ଆମ୍ବୁଲାନ୍ସଟି ଯଦି ଚଢ଼େୟାପଲ୍ଲୀରେ ରହିଥାନ୍ତା, ଭୋଗବାଡିର ଗୁରୁତର ରୋଗୀ ସୋମବାର ହଟହଟା ହୋଇ ନ ଥାନ୍ତେ। ଚଢ଼େୟାପଲ୍ଲୀଠାରୁ କଳସାଖମଣ ମାତ୍ର ୧୦ କିମି ଦୂର ହୋଇଥିବାରୁ ରୋଗୀଙ୍କୁ ପରିବାର ଲୋକେ କଷ୍ଟେମଷ୍ଟେ ଆଣି ପାରିଥାନ୍ତେ।



ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖତଖାଉଥିବା ଆମ୍ବୁଲାନ୍ସ।

ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ମକରନ୍ଦ ବେଉରାଙ୍କୁ ପଚାରିବାରେ ଏମ୍‌ପି ଏକ ଆମ୍ବୁଲାନ୍ସ ଚଢ଼େୟାପଲ୍ଲୀ ଅଞ୍ଚଳକୁ ଯୋଗାଇଛନ୍ତି। ହେଲେ ଆମ୍ବୁଲାନ୍ସ ଯାତାୟାତ କରିବାର ଖର୍ଚ୍ଚ ବ୍ୟବସ୍ଥା ନାହିଁ। ଏ ନେଇ ଦଶପଲ୍ଲା ବିଧାୟକ, ଦଶପଲ୍ଲା ଚେୟାରମ୍ୟାନଙ୍କ ସହ ଆଲୋଚନା କରି ଆମ୍ବୁଲାନ୍ସକୁ ଚଳାଚଳ କରିବାକୁ ବ୍ୟବସ୍ଥା କରାଯାଇଛି। ଜଣେ ଡ୍ରାଇଭର ନିଯୁକ୍ତ ହୋଇଛନ୍ତି। ଏଥିରେ ରୋଗୀ ଗଲେ କିଲୋମିଟର ପିଛା ୧୦ ଟଙ୍କା ଦେବାକୁ ପଡିବ। ତେବେ ମାଗଣା ଆମ୍ବୁଲାନ୍ସ ସେବାବେଳେ ଟଙ୍କା ଦେଇ ଆମ୍ବୁଲାନ୍ସକୁ ବ୍ୟବହାର କରିବାକୁ ଲୋକେ ଆଗ୍ରହୀ ନୁହନ୍ତି। ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ଅନୁଦାନରେ ମାଗଣା ଖର୍ଚ୍ଚ କରି ଆମ୍ବୁଲାନ୍ସ ଚଳାଇବା ସମ୍ଭବ ହେଉନାହିଁ। ଏଣୁ ଆମ୍ବୁଲାନ୍ସ ଚଢ଼େୟାପଲ୍ଲୀରେ ନ ରହି ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଉଛି। ଆମ୍ବୁଲାନ୍ସକୁ ଚଢ଼େୟାପଲ୍ଲୀ ପଠାଇବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା ଜାରି ରହିଛି। ସୋମବାର ଜଣେ ରୋଗୀ ଖଟିଆରେ ବୁହା ହେବା ଘଟଣା ଜଣାପଡିନି। ଆପଣଙ୍କଠାରୁ ଖବର ପାଇଲି ବୋଲି ସେ କହିଛନ୍ତି।

### ବିଳମ୍ବ ହେବାରୁ ଚାଲିଗଲା ପ୍ରାଣ

ଭୋଗବାଡି ଗାଁର ସନ୍ୟାସି ବେହେରା(୫୫)ଙ୍କର ବ୍ରହ୍ମପୁର ହସ୍ପିଟାଲରେ ସୋମବାର ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାରେ ବିଳମ୍ବ ହେବାରୁ ଜୀବନ ଚାଲି ଯାଇଥିବା ଅଭିଯୋଗ ଉଠିଛି। ଗାଁକୁ ରାସ୍ତା ନ ଥିବା, ଖଟିଆରେ ରୋଗୀ ବୋହିବାରେ ସମୟ ଅପଚୟ ଓ ଆମ୍ବୁଲାନ୍ସକୁ ଠିକ ସମୟରେ ଫୋନ ନ ଲାଗିବା କାରଣରୁ ଜଣଙ୍କ ମୃତ୍ୟୁ ହୋଇଯାଇଛି। ସ୍ୱାଧୀନତାର ୭୫ବର୍ଷ ପରେ ବି ଗାଁକୁ ରାସ୍ତା ନ ଥିବାରୁ ଜଣଙ୍କର ଜୀବନ ଯିବା ଘଟଣା ଆଧୁନିକ ଯୁଗର ବିକାଶ ପ୍ରତି ପ୍ରଶ୍ନ ଉଠାଇଛି। ସରକାରଙ୍କର ପରଦର୍ଶିତାକୁ ଏହା ପଦାରେ ପକାଇଛି।

## ସଂକ୍ଷେପରେ

### ମାରପିଟ୍ କରି ଉତ୍ତେଜନା ସୃଷ୍ଟି କଲେ ଡ୍ରାଇଭର
#### ଟ୍ରକ ପାର୍କିଂକୁ ନେଇ ବିବାଦ

**ନୟାଗଡ଼ ଅଫିସ,୨।୧:** ନୟାଗଡ ପୁରୁଣା ସହର ଜିଲା ଦୌରାଜଜ୍‌ଙ୍କ ସରକାରୀ ବାସଭବନ ସମ୍ମୁଖରେ ଗତ ୩୧ ତାରିଖ ପୂର୍ବାହ୍ନରେ ଜଣେ ଡ୍ରାଇଭର ଟ୍ରକ୍ ପାର୍କିଂ କରିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଡ୍ରାଇଭର ପ୍ରଥମେ ଟ୍ରକ୍‌ଟିକୁ ଜିଲା ଦୌରାଜଜ୍‌ଙ୍କ ବାସଭବନ ସମ୍ମୁଖରେ ୫୭ ନଂ. ଜାତୀୟ ରାଜପଥକୁ ଲଗାଇ ପାର୍କିଂ କରିଥିଲେ। ଜିଲା ଦୌରାଜଜ୍‌ଙ୍କ କର୍ମଚାରୀ ଟ୍ରକ୍‌କୁ ଘୁଞ୍ଚାଇବାକୁ କହିବାରୁ ଡ୍ରାଇଭର ଅରାଜି ହୋଇ ପାଟିତୁଣ୍ଡ କରିଥିଲେ। ଏପରିକି ନିଜକୁ ଦୁର୍ଗାପ୍ରସାଦ ଲୋକ, ବବି ଦାସଙ୍କ ନିଜ ଲୋକ କହି ପାଟିତୁଣ୍ଡ କରିଥିଲେ। ପୁଣି ଜିଲା ଦୌରାଜଜ୍‌ଙ୍କ ବାସଭବନରେ ପଶି ମାରପିଟ୍ କରିଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି। ରାସ୍ତା ଉପରେ ଟ୍ରକ୍ ୩ ଦିନ ହେଲା ଅଟକି ରହିଛି।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ଦଶପଲ୍ଲା,୨।୧(ଡି.ଏନ.ଏ.):** ଦଶପଲ୍ଲା ବ୍ଲକର କୁସୁମଗାଡିଆ ଗାଁରେ ସୋମବାର ଅଗ୍ନିକାଣ୍ଡରେ ୨ ବଖରା ପୋଡିଯାଇଛି। ଗ୍ରାମର ଶ୍ରୀଧର ନାୟକଙ୍କର ଘରେ ଏହି ନିଆଁ ଲାଗି ଯାଇଥିଲା। ଏଥିରେ ତାଙ୍କ ଘରେ ଥିବା ଆସବାବପତ୍ର ନଷ୍ଟ ହୋଇଯାଇଛି। ଦଶପଲ୍ଲା ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଏଏସ୍‌ଆଇ, ଏସ୍‌ଆଇ ସ୍ତରରେ ଅଦଳବଦଳ

ନୟାଗଡ଼ ଅଫିସ,୨।୧

ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି ସୋମବାର ଏସ୍‌ଆଇ ଓ ଏଏସ୍‌ଆଇଙ୍କ ସ୍ତରରେ ଅଦଳବଦଳ କରିଛନ୍ତି। ନୟାଗଡ଼ ପୋଲିସ ଜିଲାର ୧୫ ଏସ୍‌ଆଇ ଓ ୯ ଏଏସ୍‌ଆଇ ଏପରି ମୋଟରେ ୨୪ ଜଣଙ୍କର ବଦଳି ହୋଇଛି। ଭାପୁର ବିଟ୍ ହାଉସ୍‌ର ଏସ୍‌ଆଇ ରାଜେଶ କୁମାର ଶ୍ରୀଚନ୍ଦନଙ୍କ ରଣପୁର ଥାନାକୁ, କଣ୍ଟିଲୋ ଫାଣ୍ଡିର ମିହିର କୁମାର ମିଶ୍ରଙ୍କୁ ରଣପୁର ଥାନାକୁ, ରଣପୁର ଥାନାର ବିନୟ ରଞ୍ଜନ ପରିଡାଙ୍କୁ ଭାପୁର ବିଟ୍ ହାଉସକୁ ବଦଳି କରାଯାଇଛି। ସେହିପରି ରଣପୁର ଥାନାର ଦୁର୍ଯ୍ୟୋଧନ ପଲେଇଙ୍କୁ ଦର୍ପନାରାୟଣପୁର ଫାଣ୍ଡି, ନୂଆଗାଁ ଥାନାର କୃତ୍ତିବାସ ହରିଚନ୍ଦନଙ୍କୁ ଚାନ୍ଦପୁର ଥାନା, ଶରଣକୁଳ ଥାନାର ନିରଞ୍ଜନ କିଶୋର ବଡଜେନାଙ୍କୁ ଗୋଡିପଡା ଫାଣ୍ଡି, ନୟାଗଡ଼ ରିଜର୍ଭ ଅଫିସର ଗୌରହରି ଜେନାଙ୍କୁ ଶରଣକୁଳ ଥାନାକୁ ଅନୁରୂପ ଭାବେ ବଦଳି ହୋଇଛି। ଅପରପକ୍ଷେ ନୟାଗଡ଼ ରିଜର୍ଭ ଅଫିସର ସିମାଞ୍ଚଳ ନାୟକଙ୍କୁ ନୟାଗଡ଼ ଟାଉନ ଥାନା, ଗଣିଆ ଥାନାର ଶ୍ରୀକାନ୍ତ ପଣ୍ଡାଙ୍କୁ ଦଶପଲ୍ଲା ଥାନା, ଖଣ୍ଡପଡ଼ା ଥାନାର ଶ୍ରଦ୍ଧା ନାୟକଙ୍କୁ ଫତେଗଡ ଥାନାକୁ, ନୟାଗଡ଼ ରିଜର୍ଭ ଅଫିସର ଏସ୍.କେ. ହବିବୁର ରହେମନଙ୍କୁ ଖଣ୍ଡପଡ଼ା ଥାନା, ଫତେଗଡ଼ ଥାନାର ରମେଶ ଚନ୍ଦ୍ର ଜେନାଙ୍କୁ କଣ୍ଟିଲୋ ଫାଣ୍ଡି, ନୟାଗଡ଼ ରିଜର୍ଭ ଅଫିସର ଏନ୍ ଶଙ୍କର ରାଓଙ୍କୁ ଜିଲା ପୋଲିସ କାର୍ଯ୍ୟାଳୟର ଡିଆଇବକୁ ବଦଳି ହୋଇଛି। ନୟାଗଡ଼ ରିଜର୍ଭ ଅଫିସର ଉଦ୍ୟନାଥ ସାହୁଙ୍କୁ ବାଣିଗୋଛା ଥାନାକୁ, ଚାନ୍ଦପୁର ଥାନାର ପୁରୁଷୋତ୍ତମ ପ୍ରଧାନଙ୍କୁ ନୂଆଗାଁ ଥାନାଙ୍କୁ ବଦଳି କରାଯାଇଛି। ପୁଣି ୯ଜଣ ଏଏସ୍‌ଆଇଙ୍କ ମଧ୍ୟରୁ ବାଣିଗୋଛା ଥାନାର ଶଙ୍କର ପ୍ରସାଦ ପାଢ଼ୀଙ୍କୁ ଖଣ୍ଡପଡ଼ା ଥାନା, କୋସକା ଫାଣ୍ଡିର ଆର୍ତ୍ତତ୍ରାଣ ବେହେରାଙ୍କୁ ଚାନ୍ଦପୁର ଥାନାକୁ ବଦଳି କରାଯାଇଛି। ସେହିଭଳି ଫତେଗଡ ଥାନାର ବୈକୁଣ୍ଠନାଥ ସାହୁଙ୍କୁ କୋସକା ଫାଣ୍ଡି, ଜିଲା ମୁଖ୍ୟ ଚିକିତ୍ସାଳୟର ଫାଣ୍ଡିର ବାଳକୃଷ୍ଣ ଦାସଙ୍କୁ ନୟାଗଡ ରିଜର୍ଭ ଅଫିସ, ଖଣ୍ଡପଡ଼ା ଥାନାର ସାଇନୁଲ ଖାଁଙ୍କୁ ନୟାଗଡ଼ ଟାଉନ ଥାନା, ଶରଣକୁଳ ଥାନାର ଅରୁଣ କୁମାର ଜେନାଙ୍କୁ ନୂଆଗଡିଆସାହି ଫାଣ୍ଡି, ଦର୍ପନାରାୟଣପୁର ଫାଣ୍ଡିର ମୁଜିବୁର ରହେମନ ଖାଁଙ୍କୁ ରଣପୁର ଥାନାକୁ, ଗୋଡିପଡା ଫାଣ୍ଡିର ହାଇଦର ଅଲ୍ଲୀଙ୍କୁ ଶରଣକୁଳ ଥାନା, ନୂଆଗଡିଆ ସାହି ଫାଣ୍ଡିର ମନୋଜ କୁମାର ନାୟକଙ୍କୁ ଖଣ୍ଡପଡ଼ା ଥାନାକୁ ବଦଳି ହୋଇଛି।

# ପୁରୀରୁ ନାଚୁଣୀ ଫେରୁଥିଲା ବେଳେ ଦୁର୍ଘଟଣା: ୫ ଗୁରୁତର

ରଣପୁର,୨।୧ (ସ୍ୱ.ପ୍ର.)

ଚାନ୍ଦପୁର ୧୬ ନଂ. ଜାତୀୟ ରାଜପଥରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଯେଉଁଥିରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ୧୬ ନଂ. ଜାତୀୟ ରାଜପଥ କନ୍ଧନୟାଗଡ଼ ଓଭର ବ୍ରିଜ ଉପରେ ଏହି ଦୁର୍ଘଟଣା ଘଟିଛି। ସୂଚନା ମୁତାବକ, ଅପରାହ୍ନରେ ନଂ. ଓଡି ୧୩ ଜି ୨୨୮୯ ଏକ ଯାତ୍ରୀବାହୀ ଅଟୋଟି ପୁରୀରୁ ନାଚୁଣୀ ନିକଟସ୍ଥ କନ୍ହେଇପୁର ଗ୍ରାମକୁ ଫେରୁଥିଲା ବେଳେ ଦୁର୍ଘଟଣା ଘଟିଥିଲା। କୌଣସି କାରଣବଶତଃ ଡ୍ରାଇଭର ଅଟୋ ରିକ୍ସା ଉପରୁ ନିୟନ୍ତ୍ରଣ ହରାଇବାରୁ ତାହା ରାସ୍ତାର ଡିଭାଇଡର ସହ ପିଟି ହୋଇ ଯାଇଥିଲା। ଫଳରେ ଅଟୋଟି ଓଭରବ୍ରିଜ୍ ଉପରୁ ତଳକୁ ଖସିପଡିବାରୁ ଯାତ୍ରୀମାନେ ଗୁରୁତର ଆହତ ହୋଇଥିଲେ। ଖବରପାଇ ସ୍ଥାନୀୟ ଯୁବକମାନେ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଚାନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଗୁରୁତର ଆହତମାନେ ହେଲେ କନ୍ହେଇପୁର ଗାଁର ମୀନା ମୁଦୁଲି (୫୦), ଉମାକାନ୍ତ ମୁଦୁଲି (୫୩), ପ୍ରକାଶ ଚନ୍ଦ୍ର ମୁଦୁଲି (୩୬), ରିନା ମୁଦୁଲି (୨୪) ଏବଂ ଅଖିଳେଶ ମୁଦୁଲି (୭)। ସମସ୍ତ ଗୁରୁତର ଆହତଙ୍କୁ ଚାନ୍ଦପୁର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

# କର୍ମଚାରୀଙ୍କୁ ହେବ କୈଫିୟତ ତଲବ

### ବନାଞ୍ଚଳ କାର୍ଯ୍ୟାଳୟ ପରିସରରୁ ଗଛ କାଟିବା ଘଟଣା

ଗଣିଆ,୨।୧(ଡି.ଏନ୍.ଏ.)

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଛାମୁଣ୍ଡିଆ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ୨୦୨୨ ଡିସେମ୍ବର ୩୧ରେ ବନ କର୍ମଚାରୀମାନଙ୍କ ଦ୍ୱାରା ଗଛ କଟାଯାଇଥିଲା। ୨୦ଟି ମୂଲ୍ୟବାନ୍ ଗଛ ମଧ୍ୟରେ ଅଧିକାଂଶ ଶାଗୁଆନ ଗଛ ଥିବାବେଳେ ଅଁଳା, ପିଜୁଳି, ଶିଶୁ, ଆମ୍ବ ଓ ଜାମୁ ପରି ମୂଲ୍ୟବାନ୍ ଗଛ କଟାଯାଇଥିବା ଜଣାପଡ଼ିଛି। ଏହି ଘଟଣାର ଖବର ପ୍ରକାଶ ପାଇବା ପରେ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ଶତାବ୍ଦୀ ମିଶ୍ର ଛାମୁଣ୍ଡିଆ ବନାଞ୍ଚଳ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ସମ୍ପର୍କରେ ନୟାଗଡ ବନଖଣ୍ଡ ଅଧିକାରୀ ଷଡ଼ଙ୍ଗୀଙ୍କୁ ପଚାରିବାରୁ ଏସିଏଫ୍‌ଙ୍କ ଦ୍ୱାରା ତଦନ୍ତ କରାଯାଇଛି। ଏବେ ବାହାରେ ଅଛି, କାର୍ଯ୍ୟାଳୟକୁ ଗଲାପରେ ସମ୍ପୃକ୍ତ କର୍ମଚାରୀଙ୍କୁ କୈଫିୟତ ତଲବ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଜଙ୍ଗଲ ଓ ପରିବେଶକୁ ବଞ୍ଚାଇ ରଖିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ବନୀକରଣ ପାଇଁ ଅର୍ଥ ବିନିଯୋଗ କରାଯାଉଛି। ଏପରି ସ୍ଥଳେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ବିନାନୁମତିରେ ସମ୍ପୃକ୍ତ କର୍ମଚାରୀମାନେ କିଭଳି ମୂଲ୍ୟବାନ୍ ଗଛଗୁଡିକୁ କାଟିବା ଜଙ୍ଗଲ ସଂରକ୍ଷଣ ଆଇନକୁ ଖୁଲମ୍‌ଖୁଲ୍ଲା ଉଲ୍ଲଂଘନ କରୁଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି।





@ ଅରୋଦୀପା


@ ଦେବବ୍ରତ


@ କୁନାଲ


@ ସସ୍ମିତା


@ ପ୍ରତିକ୍ଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମିଲର ଧାନ ନ ନେବାରୁ ସଭାପତି, ସମ୍ପାଦକଙ୍କୁ ଅଟକ

ଗଣିଆ,୨।୧(ଡି.ଏନ୍.ଏ.)

ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ଓସ୍ତିଆ କୃଷି ସେବା ସମବାୟ ସମିତିରେ ସୋମବାର ଚାଷୀମାନଙ୍କ ଧାନ ମିଲର ନେଇ ନ ଥିଲେ। ପ୍ରତିବାଦରେ ଚାଷୀମାନେ ସମବାୟ ସମିତି ସଭାପତି ଓ ସମ୍ପାଦକଙ୍କୁ ଅଟକ ରଖିଛନ୍ତି। ଫଳରେ ସମବାୟ ସମିତି ବାହାରେ ୩୦ ଜଣ ଚାଷୀଙ୍କ ୬୦୦ କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡିରହିଛି। ସମିତି ପକ୍ଷରୁ ମିଲର ୨୦୨୨ ଡିସେମ୍ବର ୨୬ରେ ଚାଷୀଙ୍କଠାରୁ ଧାନ କିଣିବାକୁ ଦିନ ଧାର୍ଯ୍ୟ କରାଯାଇଥିଲା। ମିଲର ନ ଆସିବାରୁ ୨ ତାରିଖରେ ଧାନ କିଣାଯିବ ବୋଲି ଚାଷୀଙ୍କୁ ସୂଚନା ଦିଆଯାଇଥିବା ରାସଙ୍ଗ ଗାଁର ଚାଷୀ ଦୁର୍ଯ୍ୟୋଧନ ସାହୁ କହିଛନ୍ତି। ସୋମବାର ମିଲର ସେବା ସମବାୟ ସମିତିରେ ନ ପହଞ୍ଚିବାରୁ ଚାଷୀମାନେ ସମିତିର ସଭାପତି ଭାବଗ୍ରାହୀ ସ୍ୱାଇଁ ଓ ସମ୍ପାଦକ ଜଳନ୍ଧର ବେହେରାଙ୍କୁ ଘେରାଉ କରିଥିଲେ। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ସମିତି ସମ୍ମୁଖରେ ଚାଷୀମାନେ ଧାନ ବସ୍ତା ରଖି ଜଗି ରହିବା ସହ ସଭାପତି ଓ ସମ୍ପାଦକଙ୍କୁ ଘେରାଉ କରି ରଖିଛନ୍ତି।


ଓସ୍ତିଆ କୃଷି ସେବା ସମବାୟ ସମିତିରେ ଚାଷୀମାନେ ଧାନ ବସ୍ତା ରଖି ମିଲରଙ୍କୁ ଅପେକ୍ଷା କରିଛନ୍ତି।

# ଦାବି ପୂରଣ ନ ହେଲେ ୯ରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

### ମାଘମେଳା ପଡିଆ ବିକ୍ରି ମସୁଧା

ଖଣ୍ଡପଡ଼ା,୨।୧(ସ୍ୱ.ପ୍ର.)

ରାଜ୍ୟର ପ୍ରମୁଖ ପର୍ଯ୍ୟଟସ୍ଥଳୀ ଭାବେ ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ସର୍ବଜନ ବିଦିତ। ଏହି ପୀଠର ବିକାଶ ନିମନ୍ତେ ରାଜ୍ୟ ସରକାର ଶହେ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରି ବିକାଶମୂଳକ କାମର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇଛି। ଦୀର୍ଘବର୍ଷରୁ ପାଳିତ ହୋଇ ଆସୁଥିବା ଶ୍ରୀନୀଳମାଧବ ଜୀଉଙ୍କ ପାରମ୍ପାରିକ ମାଘମେଳା ପଡିଆକୁ ଦେବୋତ୍ତର ବିଭାଗ କର୍ତ୍ତୃପକ୍ଷ ବିକ୍ରି କରିବାକୁ ମସୁଧା କରୁଥିବା ସୂଚନା ମିଳିବା ପରେ ନୀଳମାଧବଙ୍କ ଭକ୍ତ, ଶ୍ରଦ୍ଧାଳୁ, କଣ୍ଟିଲୋ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏହାର ପ୍ରତିବାଦ କରି ଏ ସମ୍ପର୍କରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହି ବିକ୍ରି ପ୍ରକ୍ରିୟାକୁ ତୁରନ୍ତ ପ୍ରତ୍ୟାହାର ସହ ବନ୍ଦ କରି ସୁସ୍ଥ ବାତାବରଣ ଫେରାଇ ଆଣିବାକୁ ରାଜ୍ୟ ଦେବୋତ୍ତର କମିଶନର, ମୁଖ୍ୟ ଶାସନ ସଚିବ, ଖଣ୍ଡପଡ଼ା ବିଧାୟକ, ନୟାଗଡ଼ ଜିଲାପାଳ, ଏସ୍‌ପି, ଖଣ୍ଡପଡ଼ା ତହସିଲଦାର, ଖଣ୍ଡପଡ଼ା ଥାନା ଅଧିକାରୀଙ୍କୁ ମାଘମେଳା ପଡିଆ ସୁରକ୍ଷା ଅଭିଯାନ କମିଟି ପକ୍ଷରୁ ଅବଗତ ସହ ନିବେଦନ କରାଯାଇଛି। ଯଦି ଏ ଦିଗରେ ଆସନ୍ତା ୭ ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଜାନୁୟାରୀ ୯ ତାରିଖ ସୋମବାର ୧୧ ଟାରେ ଖଣ୍ଡପଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଣ୍ଟିଲୋ ଓ ଆଖପାଖ ଅଞ୍ଚଳର ଜନସାଧାରଣ, ଜନପ୍ରତିନିଧି ଧାରଣାରେ ବସି ରହିବେ। ମାଘମେଳା ପଡିଆ ସୁରକ୍ଷା ଅଭିଯାନ କ୍ରିୟାନୁଷ୍ଠାନ କମିଟିର ସଭାପତି ପ୍ରଭାକର ଶିରୋମଣି, ଆବାହକ ଶ୍ରୀପତିମହାରଣା, ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ମହାରଣା, ଅଖିଳ କୁମାର ମହାରଣା, ସଚ୍ଚିଦାନନ୍ଦ ଦାଶ, ସୁରେନ୍ଦ୍ର ନାଥ ସାହୁ, ରାଜକିଶୋର ସାହୁ, ପ୍ରମୋଦ କୁମାର ଦଳାଇ ପ୍ରମୁଖଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।